ଶାଡିଦୀପ

କୁନ୍ତଳ ତ୍ରିପାଠୀ

ମାଟିଦୀପ

କୃଷ୍ଣଚନ୍ଦ୍ର ତ୍ରିପାଠୀ

ପ୍ରକାଶକ—

କବି-କୁଟୀର

ଶ୍ୟାମପୁର—ବାଣପୁର

ପୁରୀ

ମୂଲ୍ୟ—ଏକଟଙ୍କା।

ମୁଦ୍ରକ—

ପ୍ରଦୀପ୍ତ କିଶୋର ଦାସ

କୃଷକ ପ୍ରେସ,

କଟକ—୧

ଉତ୍ସର୍ଗ

ମୋ ଦେଶର ଶ୍ରେଷ୍ଠ ଜନନାୟକ
ଏ ଯୁଗର ଓଡ଼ିଆ ଜାତୀୟତାବାଦୀ—
ପ୍ରାଣ-ପ୍ରତିଷ୍ଠାତା
ନବ ଉତ୍କଳର ନିର୍ମାତା,
ମୋ ଦରିଦ୍ର ଭଗ୍ନ ଜୀବନର
ପରମ ହିତୈଷୀ
ଡକ୍ଟର ହରେକୃଷ୍ଣ ମହତାବଙ୍କ
ଅମୃତହସ୍ତରେ ମୋର ମାଟିଦୀପ ଅର୍ପଣ କରି
ନିଜକୁ ଧନ୍ୟ ମନେ କରୁଛି ।

କୃଷ୍ଣଚନ୍ଦ୍ର ତ୍ରିପାଠୀ
ବାଣପୁର
ତା ୧୦ । ୫ । ୫୨

କିଏ-କଣ କହୁଛନ୍ତି—

ଉତ୍କଳର ସ୍ମରଣ କବି ପଣ୍ଡିତ ଗୋଦାବରୀଶ କହୁଛନ୍ତି—ଆଜି ଡାକରେ ତୁମର ଦୁଇଖଣ୍ଡି କବିତା ପୁସ୍ତକ 'ଆହ୍ୱାନ' ଓ 'ଅଗ୍ନିଶଙ୍ଖ' ପାଇଲି । ମୁଁ ପୂରା ପଢ଼ି ପାରିନାହିଁ । ମାତ୍ର ଉଭୟ ପୁସ୍ତକରୁ ଯେତିକି ପଢ଼ିଛି ସେଥିରୁ କହିପାରେ ଯେ ଲେଖା ଉଚ୍ଚକୋଟୀର ହୋଇଛି— ପ୍ରତ୍ୟେକ କବିତାରେ କବିତ୍ୱ ଫୁଟି ଉଠିଛି......ଭୁବନେଶ୍ୱର ୨୯।୩।୫୬

କଟକର ମାୟାଧର ମାନସିଂ କହୁଛନ୍ତି—ଆହ୍ୱାନର କବି କୃଷ୍ଣଚନ୍ଦ୍ର, ତ୍ରିପାଠୀ ଉତ୍କଳ ସାହିତ୍ୟରେ ସୁପରିଚିତ କବି......ତାଙ୍କର ନୀରବ ସାରସ୍ୱତ ସାଧନା ପ୍ରକୃତରେ ପ୍ରଶଂସନୀୟ......ଆହ୍ୱାନର ପ୍ରତ୍ୟେକଟି କବିତା ଉଚ୍ଚାଙ୍ଗ ଗୀତିରସରେ ଜର୍ଜର । ପ୍ରତ୍ୟେକ କବିତାରେ ଇତିହାସ ଜୀବନ୍ତ ହୋଇ ଉଠିଛି, କିମ୍ବଦନ୍ତୀ ଜାଗିଉଠିଛି ରକ୍ତମାଂସ ଦେହଧରି । କବିତାଗୁଡ଼ିକ ପଢ଼ିଲେ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଆହ୍ୱାନ ଜଳ ଉଠିବ । କଟକରେ ପ୍ରକାଶିତ ଏହି ଧରଣର ଅନେକ କବିତା ଆମେ ପାଠ କରିଅଛୁ —କିନ୍ତୁ ସେ ସମସ୍ତ ମଧ୍ୟରେ ଏହି ତ୍ରିପାଠୀଙ୍କର ସୃଷ୍ଟି ଗୁଡ଼ିକହିଁ ପ୍ରକୃତ କବିତାର ମର୍ଯ୍ୟାଦା ଭୋଗୀ । ଏ କବିତାଗୁଡ଼ିକ ଓଡ଼ିଶାର ପ୍ରତ୍ୟେକ ସ୍କୁଲରେ ପଢ଼ାହେବା ଉଚିତ ।

ଅଧ୍ୟାପକ ଚିନ୍ତାମଣି ବେହେରା କହୁଛନ୍ତି—ଆପଣଙ୍କ ଅଗ୍ନିଶଂଖ ଯଥା ସମୟରେ ପାଇଛି । ବହିଟି ପଢ଼ିଲି; ମୁଗ୍ଧ ହେଲି ମଧ୍ୟ—ଆପଣଙ୍କ ବ୍ୟକ୍ତିତ୍ୱର ବିରାଟ ବିକାଶ ଏଥିରେ ପରିସ୍ଫୁଟ । କାବ୍ୟିକ କଣ୍ଠସ୍ୱର ଅଧିକ ମାନବ ଧର୍ମୀ ଓ ପ୍ରଗତିଶୀଳ ମଧ୍ୟ.........ସମ୍ବଲପୁର ୧୨।୪।୫୬

ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ କହୁଛନ୍ତି—କୃଷ୍ଣ ! ଖୋର୍ଦ୍ଧାର ସେହି ପାଇକ ରକ୍ତ ଚିନ୍ତାସ୍ରୋତ ତୁମ ଧମନୀରେ ପ୍ରବାହିତ ହେଉଛି—ଅନୁଭବ କଲି ତୁମ 'ଅହ୍ୱାନ' ପଢ଼ି । ବହିଟି ଭଲ ହୋଇଛି । କେତେ କାଳ ଯାଏଁ କେତେ ପାଠକଙ୍କୁ ମୁଗ୍ଧ କରିବ.........

ସବୁ ଗରଳରୁ ମଣିଷ ଗରଳ

ଅତି ଉତ୍କଟତର !!

—କୃଷ୍ଣଚନ୍ଦ୍ର ତ୍ରିପାଠୀ

ଜୀବନ ଯେଉଁଠି ଜୀବନ ଚାହେଁ

କାହିଁ ସେ ସହର କାହିଁ ସେ ଭୂଇଁ ? ଜୀବନ ଯେଉଁଠି ଜୀବନ ଚାହେଁ ?
ଝଲମଲ ସିଏ ନହଉଛ କାହିଁ ପ୍ରକୃତି ଆକାଶେ ରଙ୍ଗ ପ୍ରାନ୍ତେ
କେତେ ଦୂର ଗଲେ ପାଇବ ତାରେ କିଭଳି ଚାଲିବ ସେ କେଉଁ ପଥେ
ଗଭୀର ପିପାସା ବକ୍ଷତଳେ ଆକୁଳ ଅଥୟ କରଇ ମତେ !

ସେ ଭୂଇଁର ବନ ପାହାଡ଼ ପଥ ଆକାଶ ବତାସ ସମସ୍ତରେ,
ପୂର୍ଣ୍ଣ ପ୍ରାଣର ସ୍ୱର୍ଣ୍ଣ ଆଭା ଲୀଳା କରୁଥିବ ନିରନ୍ତରେ
ହାକିମ ହୁକୁମ୍ ନଥିବ ତହିଁ ନଥିବ ଶୋଷଣ ନିଷ୍ପେଷଣ
କଳବଳେ କିଏ ତୃଷ୍ଣା ଲୁବ୍ଧ କରୁତ ନଥିବ ସମ୍ବରଣ ।

ଲୁଣ୍ଠିତ କିଏ ବୁଭୁକ୍ଷୁର ଜାଳା ବୁକୁତଳେ ଚାପି ନଥିବ ରହି
ମାଟି ଚାଳିଆରେ ସୌଧ ଯାର ସ୍ପର୍ଦ୍ଧା ତ ନଥିବ ଘୃଣା ବହ୍ନି ।
କ୍ଷମତା ଓ ଧନ ଗାଦିରେ ବସି ଆହୁରି କ୍ଷମତା ଆହୁରି ଧନ—
ପାଇବାକୁ ସାରା ଜୀବନ ଧରି କରୁ ନଥିବ କେ ଅନ୍ୱେଷଣ !

କାହିଁ ସେ ସବୁଜ କାହିଁ ସେ ଭୂଇଁ ଜୀବନ ଯେଉଁଠି ଜୀବନ ଖୋଜେ ?
ହାଣ ମାର ଚିତ୍ କ୍ରନ୍ଦନ୍ ଭେଦ କରେ ଯହିଁ ନୀଡ ସ୍ୱପ୍ନ ପ୍ରାନ୍ତେ ।
ସେନେହ ସେନେହ ସେନେହ ଖାଲି ସବୁଜ ବୃକ୍ଷରୁ ଫୁଟୁଚି ସ୍ୱର
ହସୁଚି ସେ ଭୂଇଁ ଚଉଦିଗ ପୂନର୍ଥ ରାତିର ଜୋଛନା ପୁର ।

ବୋହଲେ ନୟନୁ ଝୋପିଏ ଲୁହ, ବୃକ୍ଷତଳେ କାର ଲାଗିଲେ ବ୍ୟଥା
ଆଶ୍ୱାସନାର ପୀୟୂଷ ଢାଳି ଲକ୍ଷ ଓଠ କହଇ କଥା ।
କାହିଁ ସେ ସବୁଜ କାହିଁ ସେ ଭୂଇଁ ଜୀବନ କେଉଁଠି ଜୀବନ ଖୋଜେ
ପଡ଼ିଗଲେ ଯହିଁ ଟେକିବା ପାଇଁ ଲକ୍ଷ ହାତ ସହରେ ଯାଏ !

ସୁପ୍ତ ଯେଉଁଠି ଉଠଇ ଚେଇଁ କି ଅବା ବଜ୍ରର ପରଶ ଲଭି
ପ୍ରତି ଅନ୍ତର ସ୍ପନ୍ଦନ ଯହିଁ କଲ୍ୟାଣକର କନକ ଛବି ।
କଠିନ କୁଟିଳ ବସୁନ୍ଧରା ଖୋଜି ମୁଁ ତାହା ପାଏ ନ ପାଏ
କାହିଁ ସେ ସବୁଜ କାହିଁ ସେ ଭୂଇଁ ଜୀବନ ଯେଉଁଠି ଜୀବନ ଖୋଜେ ?

ବହୁଦୂରେ

ଧରାର ମଣିଷ ରହିଅଛି ରୁଦ୍ଧ ଜୀବନର ବହୁଦୂରେ
ପ୍ରାଣ ବିମୋହନ ଗନ୍ଧ ଯେଉଁଠୁ ଅବାରିତ ହୋଇ ଛୁଟେ
ତୋହର ଶକ୍ତି ତୋହର ସାଧନା
ଢାଳେ ଧରଣୀରେ ଅସୀମ ବେଦନା
ବୁଝି ତୁ ପାରୁନୁ ବୁଝି ତୁ ପାରୁନୁ
ପବନ ଚଳି ପଣ ତୋର ମଥା
ସେ କେଉଁ ମୂଲକେ ଘୂରେ
ଧରାର ମଣିଷ ରହିଅଛି ରୁଦ୍ଧ ଜୀବନର ବହୁଦୂରେ !

ଡାକିଲେ ତୋରେ ତ ଶୁଭୁନାହିଁ ଡାକ କି ନିଶା ପିଇଚୁ କହ ?
ଚଉଦିଗେ ଖାଲି ସୃଜୁଅଛି ମରୁ ଭୀଷଣ ଦୁର୍ବିସହ !,
ପ୍ରାଣଭରା ହସ ନାହିଁ ତୋ ଅଧରେ
ଅମୃତ ନାହିଁ ତୋ' କଥା ପଦରେ
ଯନ୍ତ୍ରର ଓ ଅହମିକା ଧର
ଫାଟି ପଡ଼ୁଅଛି କହ କପାଇଁ ?
ଅହରହ ଅହରହ
ଚଉଦିଗେ ଖାଲି ସୃଜୁଅଛି ମରୁ ଭୀଷଣ ଦୁର୍ବିସହ !

ହେମହର୍ମ୍ୟର କୋଳେ ସେ' ଯେ କେଉଁ ତୂଳ ତଳ୍ପରେ ଶୋଇ
କି ମଧୁ ସ୍ୱପ୍ନ ଦେଖୁଅଛି ରୁଦ୍ଧ ପାଷାଣୁ କଠିନ ହୋଇ
ମଣିଷ ରକତ ଏତେ କିରେ ମିଠା
ପିଇ ପିଇ ତୋର ସ୍ୱନ୍ ନାହିଁ ତୃଷା !
କରୁଚୁ ଚିନ୍ତା ପିଇବୁ ଅହର
ଯେତେଦୂର ପାରୁ ଏ ମାଟି ଉପରେ
ଅତି ନିର୍ମମ ହୋଇ
ହେମହର୍ମ୍ୟର କୋଳେ ସେ ଯେ କେଉଁ ତୂଳ ତଳ୍ପରେ ଶୋଇ !

ଆଖିଫେଇ ଖୁହାଁ ଅଶ୍ରୁବ ଭିତରେ ସଳୁଳ ହୋଇ ଗାଲ
କାନ୍ଦୁଚ ଏଇ ଜୀର୍ଣ୍ଣ କୁଟୀରେ କାହାର ବିଧବା ନାରୀ
ଶିଶୁଟିଏ ତାର ଗଣିହୁଏ ହାଡ଼
କେତେଦିନ ଅବା ଆସୁଷ ତାହାର
ପଡ଼ିଶା ଘରର କୁଳବୋହୂ ଖୁହାଁ
ପେଟକୁ ମୁଠିଏ ନପାଇ ଜଳକା
ସହରେ ସାଜିଛୁ ଦାସୀ
ଆଖି ଫେଇ ଖୁହାଁ ଅଶ୍ରୁବ ଭିତରେ ସଳୁଳ ହୋଇ ଗାଲ ।

ଆହୁର ରୁ ଖୁହାଁ ବେକାର ରହି କେ' ତରୁଣ ଯୁବକ ଜଣେ
ଚଲେ ରସି ଦେଇ ଆଖିବୁଜିଅଛୁ ନିଃସ୍ୱ କୁଟୀର କଣେ
କାହା ପିଲା ଝିଲ୍ଲ ଶୋକ ଉପବାସ—
ସହି ନ ପା'ର କେ' ଯାଇ ପରବାସ
ଫେର ନାହିଁ ଆଉ ଫେରନାହିଁ ଆଉ
କାନ୍ଦୁଚ ତା'ର ତରୁଣୀ ଭାରଜା
ପ୍ରତିଦିନ ପ୍ରତିକ୍ଷଣେ !
ଆହୁର ରୁ ଖୁହାଁ ବେକାର ରହିକେ ତରୁଣ ଯୁବକ ଜଣେ !

ଦଳ ଦଳ ଦଳ ସର୍ବହରା ଯେ ପଥେ ଘାଟେ ଖୁହାଁ ଖୁହାଁ
ଦୁନିଆରେ ନାହିଁ ତାଙ୍କର କିଏ କଣଦେବା ପାଇଁ ଆହା !
କେହି ଗଛ ତଳେ ହୋଟେଲ ଦୁଆରେ
ପଡ଼ିଅଛନ୍ତି ସାଡ଼ି ନାରଖାରେ
ମଲେ ସେ ମରବେ ଜୀଇଲେ ଜୀଇବେ
ଜଗନ୍ନାଥଙ୍କ ଚରଣ ଧର
କେହି ହୁଏନାହିଁ ସାହା !
ଦଳ ଦଳ ଦଳ ସର୍ବହରାଂଯେ ପଥେ ଘାଟେ ଖୁହାଁ ଖୁହାଁ ।

ଦେଖୁନାହିଁ ତଳେ ବୁଲନ୍ତି କେତେ ତରୁଣ ବାଳକ ଦଳ
ବୁକୁତଳେ ନାହିଁ ଉନ୍ମାଦନା କି ଦେହେ ନାହିଁ ତେଜବଳ !
ମୁଖମଣ୍ଡଳେ ଲାବଣ୍ୟ ନାହିଁ !
ସ୍ୱପ୍ନେ କାହିଁ ତ ହୁଏ ନାହିଁ ସୃଷ୍ଟି !
କାହାକୁ ନେଇ ଏ ପୃଥିବୀ ହସିବ ?
ଉଜ୍ଜ୍ୱଳ କରି ଗଢ଼ିବ ତାହାର
ଭବିଷ୍ୟତର ଘର
ଦେଖୁନାହିଁ ତଳେ ବୁଲନ୍ତି କେତେ ତରୁଣ ବାଳକ ଦଳ !

ମୂର୍ତ୍ତି ଉପରେ ମୂର୍ତ୍ତି ତୋହର ଲାଗିଚୁ ଗଢ଼ାଇବାରେ
ଦେଖୁନୁ ଲକ୍ଷ ଜୀବନ କଅଳ ମ୍ରିୟମାଣ ଅନାହାରେ ?
ଲକ୍ଷ ଜୀବନ ମାଗେ ବୋବାଳି
ଟେକେ କରେ ଦଏ ଅମୃତ ଢାଳି ?
ବସିଚୁ ରୁଦ୍ଧ କଅଳ କହର
ମଣିଷ ବୁକୁର ପୁଣ୍ୟ ରକତ
ପଚିଛି କି ତୋହଠାରେ !
ମୂର୍ତ୍ତି ଉପରେ ମୂର୍ତ୍ତି ତୋହର ଲାଗିଚୁ ଗଢ଼ାଇବାରେ !

କୋଟି ବୁକୁତଳ ହସି ଉଠିଲେରେ ଫୁଟିବ ତୋର ଯେ ହସ
ସେ କି ନୁହେଁ ତୋର କୋଟିନିଧି ପରି ଜୀବନର ମଧୁରସ ?
ତାକୁ ଗ୍ରହିଦେଇ ସାଜି ସ୍ୱପ୍ନତାନ
ଗାଉଚୁ ତୁ ଖାଲି ନରକର ଗାନ
ନିଜ ହାତେ ତୁହି ନିଜକୁ ହସାଇ
ଜାଣିନୁ ଏ ନାହିଁ ପାଉଚୁ କି ଅବା
ପ୍ରାଣଭରା ପରିତୋଷ
କୋଟି ବୁକୁତଳ ହସି ଉଠିଲେରେ ଫୁଟିବ ତୋର ଯେ ହସ !

ଅସୀମ ଅଖିରୁ ଲୁହ ପୋଛିଦେଇ ବକ୍ଷେ ନେଏରେ ଭଣ୍ଡ !
ଅସୀମ ଶୁଷ୍କ ମଳିନ ବଦନେ ଫୁଟାରେ ପ୍ରାଣର ଶିସ
ତୋହର ଧସ୍ୱର ତୋର ଏ ମଣିଷ
କାହିଁକ କାହିଁକ ହେଉଚ୍ ରୁ ବଷ ?
ସବୁର ମାଂସ ହାଡ ତଳେ ତଳେ
ଗୋଲ ହୋଇ ଯାଆ, ସ୍ୱର୍ଗର ସୁଧା-
ପଡ଼ିବ ତୋ ପାଖେ ଛୁଡ଼ି
ଅସୀମ ଆଖିରୁ ଲୁହ ପୋଛିଦେଇ ବକ୍ଷେ ନେଏରେ ଭଣ୍ଡ଼ !

ସର୍ବହରା

— ୧ —

ସେ'ଯେ ସର୍ବହରା ସେ'ଯେ ସର୍ବହରା ।
ତାରେ ପଶୁରେ ନାହିଁ ଏଇ ନିଖିଳ ଧରା !
ତାର ଦୁର୍ବହ ଦୁର୍ଦ୍ଦଶା ବେଦନା ଧରି
ସେତ ଗଳିତ ନିତି ସେତ ଗଳିତ ନିତି
ତାରେ ପାଏନା କେହି ଭଲ ହୃଦୟ ଭରି !
ତା'ରେ ବୁଝେନା କେହି ତା'ରେ ଜାଣେନା କେହି
କେହି ଘୁରାଏ ନାଇଁ ମଥା ତାହାକୁ ନେଇ
ସେଯେ ସର୍ବହରା ସେଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !!

— ୨ —

ଫୁଲ, ଫୁଟିଲେ ଅବା ତା'ର କି ଆସେ ଯାଏ ?
ସେ'ବା, କି ଶିଖା ପାଏ ସ୍ନେହ ଚଳନ୍ତ ବାଏ ?
ଆସୁ ସଞ୍ଜ ଧରି ତାର ମୋହନ ମାୟା
ଆସୁ ସକାଳ ଘେନି ତାର ପାଟଳ ଛାୟା !
କଳ- କଣ୍ଠଖୋଲି ଗାଉ ବିହଗ ଗୀତ
ଜାଗୁ କନକ ଶିଖା ଏଇ ମାଟିରେ ନିତି,
ତାର ବକ୍ଷତଳ ନାଇଁ ଉଲ୍ଲସି ଉଠେ
ସେ'ତ ପାଏନି କାହିଁ ହେଲେ ଖାଇବ ମୁଠେ !
ସେ'ଯେ ସର୍ବହରା ସେ'ଯେ ସର୍ବହରା !
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

—୩—

ତୁମ ଦୁଆରେ ଯେବେ ପାଦ ପକାଏ ଯାଇ
ମାଗେ ମୁଠିଏ ହେଲେ କେତେ କରୁଣେ ଗୁହଁ !
ତୁମ ଚଉ ଢଳେ ନାହିଁ ତନ୍ଦ୍ରା ଛୁଏଁ
ଝାଳ ଘଉଡ଼ ଦେବା ପାଇଁ ଇଚ୍ଛା ହୁଏ
ତୁମେ ଘଉଡ଼ି ଦେଲେ ସେହୁ ଦୂରେଇ ଯାଏ
ତାର ଲୋଚନୁ ଝୋପେ ଲୁହ ଗଡ଼େଇ ଯାଏ !
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

—୪—

ଏଇ ମାଟିରେ ଜନେ ହେଲେ ମଣିଷ ପରି
ସେ'ତ ସ୍ୱଳନ ଓଠେ ହସ ଟିକିଏ ଭରି !
ତା'ର ମନର କେଉଁ ଦୂର ଗୋପନ ପୁରେ
କେତେ ଆଘାତ ବାଜିଉଠେ କରୁଣ ସୁରେ !
ସେ'ତ କହୁନ କାରେ ସେ'ତ କହେନ କା'ରେ
ସବୁ କହିବା ପାଇଁ ତାର କେ'ଅଛୁ ହା'ରେ !!
କିଏ ଶୁଣିବ ତାକୁ ଅବା ହୃଦସ୍ଥ ଭରି
କିଏ ଦେଖିବ କାହିଁ ଅବା ଗୁଲେ ତା' ଉଷ୍ଣ
ସେ'ତ ସର୍ବହରା ସେ'ତ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନାଭରା !

—୫—

ତା'ର ଶୁଷ୍କ ଦେହ ତା'ର ଶୁଷ୍କ ମନ !
ତା'ର ଶିକ୍ଷା ନାହିଁ ତା'ର ଦୀକ୍ଷା ନାହିଁ !
ତା'ର ଲକ୍ଷ୍ୟ ଜାଗେ ନାହିଁ ଶୋଷଣତମ !
ତା'ର ହିଂସା ଜାଗେ ନାହିଁ କାହାର ପାଇଁ !

ତା'ରେ ରହିଚ ଯେତ ଶୋକ ଦୁଃଖ ଜୟ
ସବୁ ବାଧାରେ ସେତୁ ତର ବାଧକା ପୟ !
ସବୁ ଦଳନ ତା'ର ପୀନ ମଥାରେ ଭର
ସେତ ଗୁଲିଚ ଭଳେ ଏକ ଜନୁ ପର !
ତା'ର ଭାଗ୍ୟ ଗୋଷ୍ଠି ଫେରି ଆଣିବା ପାଇଁ
ତା'ର କଂଅଛୁ ଭୂଲ ଏଇ ଧରାରେ ହାଇ !
ସେ'ତ ସର୍ବହରା ସେ'ତ ସର୍ବହରା
ତା'ର ଜୀବନ ଖାଲି ବ୍ୟଥା ବେଦନା ଭରା !

—୨—

ସେହୁ ଆସିଛି କାଟି ଯେତେ ଝଞ୍ଜା ଝଡ଼
ଯେତେ ଝଞ୍ଜା ବଢ଼େ ପୁଣି ପ୍ରବଳତର !
ସେହୁ ଦେଖୁଚ ଯେବେ ଟିକେ ଆଶାର ଛଇ
ସେତେ ନଅଶା ପୁଅ ଆସେ ସୁଦୂରୁ ବହ !
ସେତ ଭାଙ୍ଗି ପଡ଼ୁଅଛୁ ବହୁତ ବାର
ଯେତେ ଚେଷ୍ଟା କଲେ ସେତ ପାରୁନ ଉଠି
ଖାଲି ହାହାକାର ଯାହା ହେଉଚ ସାର
ତା'ର ଭଙ୍ଗା ଦେହ ଆଉ ଭଙ୍ଗା ମନ—
ଧର ଗୁଲିଚ ଏ ମାଟିରେ ସକଳ କ୍ଷଣ
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର ଜୀବନ ଖାଲି ବ୍ୟଥା ବେଦନା ଭରା !

—୩—

ନଠ ଜାନ୍ ନକ ତା'ର ବକ୍ଷତଳେ
ପ୍ରତ ରକ୍ତକଣା ସତେ କ କଲବଲେ !
ନଠ ଛଟ୍ ପଟେଇ ସେ'କ ଯାଉନ ହୋଇ ?
ପଥେ ଗୁଲିଲ୍ ବେଳେ କୋଟି ବେଦନା ବୋହୁ ¡

ବାଣୀ   ଜାଗୃତ କରେ ତା'ର ବକ୍ଷତଳେ
ଯେତେ   କି ସ୍ୱପନମାନେ ଅଛି ଧରଣୀପରେ !
ତାର   ବସୁଧା ପରେ ଲଭେ ନାଇଁରେ ଠାଇ
ନୁହେଁ   ସେ ଲାଗି କରେ ତାର ଆକୁଳ ପ୍ରାଣ !
ତା'ର   ବନ୍ଧୁ ନାହିଁ ତା'ର ସୋଦର ନାହିଁ
ସେ'ବା   ନିରବ କସ ? ଖାଲି ରହୁଚ ଚାହିଁ !
ସେତ   ସର୍ବହରା ସେତ ସର୍ବହରା
ତାର   ଜୀବନ ଖାଲି ବ୍ୟଥା ବେଦନା ଭରା !

—୮—

ସେ'ତ   ଚନ୍ଦ୍ରା ଧାରା ନୁହେଁ ଜବର ଖାଲି
ସେ'ତ   ତୁମର ଏଇ ମାଟି ଜୀବନ ନାଡ଼ି !
ସେ'ତ   ଶିଳ୍ପୀ ତୂଳୀମୂନେ ଚିତ୍ର ନୁହେଁ
ସେ'ତ" ଗୋଟିଏ ଧାରା ତୁମ ଅସୀମ ସୁଏ !
ସେ'ତ   ଛିନ୍ନ ନୁହେଁ ସେ'ତ ଭିନ୍ନ ନୁହେଁ
ସେ'ତ   ଖସୁଚ ତୁମ ଏଇ ସାଗର ସୁଏ !
ତୁମେ   ଚଳିଚ ଦୂରେ ତୁମ ତରଣୀ ବାହି
ତୁମ   ତରଣୀ ପାଖେ ସେ ଯେ ରହୁଚ ଚାହିଁ
ସେ'ତ   ହଟେଇ ଟୁଟେଇ ଫୋଇ ଯାଉଚ ବୁଡ଼ି
ତୁମେ   ଯାଉଚ କେଉଁ ଦୂର ଜନକ ପୁରୀ ?
ସେ'ଯେ ସର୍ବହରା ସେ'ଯେ ସର୍ବହରା
ତାର   ଜୀବନ ଖାଲି ବ୍ୟଥା ବେଦନା ଭରା ?

କାହାର ଏ ଦୁଇଗୋଟି ପିଲା ?

କାହାରି ଏ ଦୁଇଗୋଟି ପିଲା ଖେଳୁଛନ୍ତି ଏ ସଡ଼କ ପରେ
ଚାହିଁଲି ମୁଁ ଅକସ୍ମାତେ ଯେବେ ଆଖି ମୋର ଭରିଗଲା ଜଳେ,
ଖାଇବାକୁ ଅନ୍ନ ନାହିଁ ମିଳେ ହାଡ ଦିଶେ ଗୋଟି ଗୋଟି ଦେହେ
କିଏ ବୁଝେ ସେମାନଙ୍କ ବ୍ୟଥା, ସ୍ନେହପାଳିତ କିଏ ଅବା ନିଏ ?

ଛୋଟା କୁଟି, କାଠ ଆଣି ବଣୁ ମାଆ ପିଲା ଦୁଇରେ ବଢ଼ାଏ
ଦୁଧ ଟୋପେ ପାଇବେ କେଉଁଠୁ ଘରେ ନାହିଁ କହଡ଼ି କଢ଼ାଏ,
ପିଲା ଦୁଇ ଭୁଲୁଛନ୍ତି ଏଥି ଦେହେ ନାହିଁ ଜୀବନ ତାଙ୍କର
ଫୁଙ୍କି ଦେଲେ ଉଡ଼ି ଯିବେ ପରି ନାରଖାରେ ଆସିଛନ୍ତି ବଢ଼ି

ଓଠେ ତାଙ୍କ ଫୁଟୁଥାଏ ହାସ ଖାଇପିଇ ଦିଶୁଥାନ୍ତେ ଢ଼ୋରି
ରୋଗେ ପେଟ ପଡ଼ିଛି ବାହାରି ପାଣ୍ଡୁ ମ୍ଳାନ ଦିଶେ ଆଖି ଡୋଳା
ଦାରିଦ୍ର୍ୟର ବିକଳାଙ୍ଗ ମୂର୍ତ୍ତି ପ୍ରତି ଅଙ୍ଗେ ଉଠେ ନୃତ୍ୟ ଭରି
ପାଷାଣ ବି ଚାହିଁ ଦେଲେ ଥରେ କରୁଣାରେ ଉଠିବ ତରଳି

ଜନମରୁ ଅନ୍ଧକାର କୋଳେ ଆସିଛନ୍ତି ସ୍ୱପନମାନେ ବଢ଼ି
ସେ ଅନ୍ଧାରେ ଝଡ଼ିଯିବ ଦିନେ ଏଇ ଦେଶ ଜୀବନର କଳି !
ମୋ ମାଟିର ଏ ଦୁଇଟି ପିଲା କେ କହିବ ସ୍ୱର୍ଣ୍ଣଦୀପ ପରି
ନ ଜଳିବେ ଦିନେ ମୋ ମାଟିରେ ଚତୁର୍ଦ୍ଦିଗେ ଆଲୋକ ବିତରି

କେ, କହିବ ବୀଣା ତାନ ଏଠୁ ନ ଫୁଟିବ ମୁଗ୍ଧ କରି ଧରା
କେ ନ ଜାଣେ ! ଏ ମାନଙ୍କଠାରେ କି ସମ୍ପଦ ରହିଥିବ ପରା !
ଦେଶ ମୋର ଚାହିଁବା ଭଲ କରି ଆସ ଆଜି ଏମାନଙ୍କ ପାଖେ
ଏମାନଙ୍କ ଅନ୍ତର ବେଦନା ଦୁଃସହ କି ଢଳେ ନାହିଁ ଲାଗେ ?

ଯାଙ୍କ ଓଠେ ଫୁଟାଅ ହେ ହାସ ପ୍ରାଣେ ଦିଅ ନବତେଜ ବଳ
ଜଳଭାତ ଭରି ଭରି ବର୍ଷେ ତୁଚ୍ଛ ଯାଙ୍କ ଜୀବନ ନିର୍ଭର
ବିଳାସ ଓ ଐଶ୍ୱର୍ଯ୍ୟ ଭିତରେ କେତେ କାହିଁ ଅର୍ଥ ଖର୍ଚ୍ଚ ହୁଏ
ଏମାନଙ୍କୁ ଶୋକେ ଦେବା ପାଇଁ ପଞ୍ଚପୁଷ୍ପ ଦେବା ଠିକ୍ ନୁହେଁ;

ଦେଶ ମୋର ଗର୍ବ କର ତମେ ସଭ୍ୟତାର ପତାକା ଉଡ଼ାଇ
ତୁମ ସେଇ ସଭ୍ୟତା ଭିତରେ ଏଇମାନେ ଯାଆନ୍ତି କି ନାହିଁ ?
ଅନାହାରେ ଜୀବନର ଫୁଲ କେତେ ଆହା ମଇ ମରି ଯାଏ
ଆଖି ମୋର ଭରି ଆସେ ଜଳେ ଏମାନଙ୍କୁ ଯେବେ ସ୍ମରୁଥାଏ ।

କର ତାରେ ଆପଣାର !

କରନା ତାହାରେ ଦୂର୍ ଦୂର୍ ମାର୍ ମାର୍,
ସେ ଯେ ଧରଣୀର ଗୋଟିଏ ଅଶ୍ରୁଧାର !
କେହ୍ନ ଜଣେ ତା'ର ନାହିଁ ଆପଣାର
ବୁଝିବାକୁ ଲଭେ ବେଦନାର ସ୍ୱର
ଶତ ବେଦନାର କଷାଘାତେ ତାର
ଭାଜିଯାଏ ମେରୁଦଣ୍ଡ
କରନା ତାହାରେ ଦୂର୍ ଦୂର୍ ମାର୍ ମାର୍ !

ସଭିଏ କାହିଁକି ନିଠୁର ଗୃହାଣୀ ଢାଳ
ନିର୍ମମେ ତା'ରେ ଦେଉଅଛ ଏତେ ଗାଳି !
ସେ'କି ଏ ମାଟିର ନୁହେଁ କୋଳ ସଙ୍ଗାଳି ?
ରହିବାକୁ ସେ କି ନୁହେଁ ଏଥି ଅଧିକାରୀ ?
ଏଇ ପୃଥିବୀରେ ତୁମରି ପରି ସେ
ରକ୍ତ ମାଉଁସ-ଧାରୀ ।

ଲୁଗ୍ଣ ପଙ୍କ ତା' ଦେହର ତଳେ ତଳେ
ମୁଗ୍ଧ ମଧୁର ଅନ୍ତରଟିଏ ତଳେ
କାଢ଼ ଝଠରେ ସେଇ ଅନ୍ତର
ନୟନୁ ଲୁହାଇ ଲୁହ-ଝରଝର
ମଣିଷଠୁ କଣ ମଣିଷ ଏଭଳି
ଭର୍ତ୍ସନା ଅଣା-କରେ ?
ଲୁଗ୍ଣ ପଙ୍କ ତା ଦେହର ତଳେ ତଳେ,
ମୁଗ୍ଧ ମଧୁର ଅନ୍ତରଟିଏ ତଳେ !

ହେଉ ସେ ରୁଗ୍‌ଣ ହେଉ ସେ ପଙ୍ଗୁ,
କିନ୍ତୁ ତା' ମାଂସ ହାଡ଼
ସେ ମଇଳା ମାଉଁସୁ ଝର ପଡ଼ୁ ଜୋକ
କର ତାରେ ନାରଖାର

ଶତ ଦାରିଦ୍ର୍ୟ ଅଭାବ ଭିତରେ
ତରୁଣୀ ତାହାର ସ୍ଥୁଳ୍ କଲବଲେ
ତଥାପି ତାହାଠି ମଣିଷ ଅଛିରେ
କର ତାରେ ଆପଣାର !
ହେଉ ସେ ରୁଗ୍‌ଣ ହେଉ ସେ ପଙ୍ଗୁ
କିନ୍ତୁ ତା' ମାଂସ ହାଡ଼ ।

ଛତର-ଖାଇ

ଛତର ଖାଇ ଖାଇ ଛତରଖାଇ ତାର ନାଆଁ
ନାଇଁ ତା' ଜାତି ପତି ନାଇଁ ତା' ଜମି ବାଡ଼ି ଗାଆଁ
ଛିଣ୍ଡା କନା ଖାଲି ଗୁଡ଼ାଇ ହୋଇ ଥାଏ ଦେହେ
କହିବାପାଇଁ ଆହା ତାହାର ହୋଇ ନାଇଁ କଏ !

କନାର ବୁଜୁଲି ସେ କାଖରେ ଥାଏ ଜାକି ଯାକି
ଭଙ୍ଗା ଟିଣ ଗିନା ହାତରେ ଧରି ଯାଏ ମାଗି ।
କାହାର ପିଣ୍ଡାରେ ଅବା କା' ଗଛତଳେ ଶୁଏ
ଉପାସେ କେବେ ରହେ କାହାଠୁ ମାଗି ଅବା ଖାଏ ।

ମୁଣ୍ଡ ବାଳ ତା'ର ଉଡ଼ୁ ଯେ ଥାଏ ଫୁରୁଫୁରୁ
ଗୋଟିଏ ପ୍ରେତପରି ଦିଶୁ ସେ ଥାଏ ଅବା ଦୂରୁ ?
କେଉଁଠି ନଳା ତଳେ ଅଇଁଠାସ୍ତୂପ ଥିଲେ ପଡ଼ି
ଗୋଟାଇ ଖାଉଥାଏ, ତା' ବ୍ୟଥା କଏ ପାରେ କଳି ?

ନେହୁରା ହୋଇ କାହେ ମାଗଇ ଟସ୍ୱ କନାଟିକେ
ସକାଳୁ ସଞ୍ଜ ଯେ' ବୁଲୁ ସେ ଥାଏ କେତେ ଦିଗେ ।
ରାସ୍ତା କଡ଼ ଧୂଳି ଛେପ ଓ ଖଙ୍କାରେ କାହିଁ
ଶୋଇ ସେ ପଡ଼ି ଥାଏ, ତାହାର ଗାଁ ଘର ନାହିଁ !

ତା' ଦେହ ଭଣ ଭଣ ଜଇତି ଗନ୍ଧାଉ ଥାଏ
ସବୁଠୁ ଛି ଘୃଣର ଜସ୍ତ ଧରଣୀରେ ପାଏ ।
ଛତର ଖାଇ ଖାଇ ଛତରଖାଇ ତା'ର ନାଆଁ
ନାଇଁ ତା' ଜାତିପତି ନାଇଁ ତା' ଜମିବାଡ଼ି ଗାଆଁ ।

ଭଗିନୀ ବୋଲି ତା'ରେ କଏ ସେ ଡାକନାହିଁ ଥିଲେ
ମାଉସୀ ମାଆ ଡାକ ଶୁଣିନ ଲବେ ଧରଣୀରେ !
କାହାର କଣ୍ଠୁ ସେ ସେନେହ ବୋଳା ମଧୁ ଭାଷା;
ଶୁଣିନ, ଶୁଣିବାକୁ କର୍ଣ୍ଣେ ଜାଗିଥିବ ଆଶା !

'ପ୍ରାଣର ପ୍ରିୟା ମୋର' ଶୁଣିନ ଏଇ ବାଣୀ ବାରେ
ଏ ଭଳି ବାସନା ତା' କଳ୍ପନାର ପର-ପାରେ ।
ଏ ଯାଏଁ ଭରମେ ସେ ହୋଇନ କା'ର ଖୁଡ଼ି ନାନୀ
ଛତରଖାଇ ବୋଲି କୁହା ସେ ହୁଏ ଦିବା-ଯାମୀ ।

ପୃଥିବୀ ଉପରେ ସେ ତ୍ୟକ୍ତ ପ୍ରାଣୀଟିଏ ପରି
ବୁଲଚ, ଦନପରେ ଦନ ଯେ ଯାଉଅଛି ଗଡ଼ି
ଜଟିଳ ପ୍ରଶ୍ନ ଯେ ଏଇଠି ଜାଗେ ବୁକୁତଳେ
ନ ମରି ବଞ୍ଚିଚ କାହିଁକି ଏତେ କଳବଳେ ?

ବରଂ ହେ ମରିଗଲେ ଜଗତେ ପାଇଯିବ ତ୍ରାହି
ତା'ଭଳି ଜୀବନରେ ମୂଲ୍ୟ ଥିଲେ ହେଲେ ନାହିଁ ।
କି ଭଳି ମରିଯାଉ ଏଭଳି ବିସ୍ମରଣ ଦେଲେ
କି ଭଳି ବଞ୍ଚିବ କେହିତ ବିସ୍ମରିନ ହେଲେ ?

କାହାର ଜୀବନର ମୂଲ୍ୟ ନାହିଁ ମତେ କହ !
ହେଉ ସେ ବ୍ୟଥାମଗ୍ନ ହେଉ ସେ ଯେତେ ଦୁର୍ବହ ।
ଜୀବନ ଯେତେହେଉ ଅସୀମ ଲାଞ୍ଛନା ଭରା
ଅଳଆ ଗଦା ପରି ଫିଙ୍ଗି ଦେଉ ତା'ରେ ଧରା ।
ତଥାପି ଜୀବନ ସେ ତହିଁରେ ମିଠା ଅଛି ଭରି
ପାରିବ ପାରିବ ସେ ଧରଣୀ ଆମୋଦିତ କରି ! !

ତା' ଓଠେ ଭାଷା ଅଛି, ସେ ଭାଷା ଶୁଣେନି କେ' କାନେ
ବୁକେ ତା ଆଶା ଜାଗେ ପରଶି ଯାଉନି କା' ପ୍ରାଣେ ।

ଅଛୁ ତା' ଅନ୍ତର ଫୁଲର ପରିମଳ ପରି
ପୃଥକ୍ ରହିଛି ସେ ନ ଯାଇ ପାରି ସଞ୍ଚରି ।
ଅଛୁ ତା' ଗୃହିଣୀରେ ଜୀବନ ଭରି ମଧୁ ଛୁଇ
ଅସୀମ ଅବସାଦେ ପଡ଼ିଛି ଚିରକାଳ ଲଈଁ ।

ଯେନେହ ହସ୍ତ ଯେ ବୁଝ ତା' ମରମ ତଳେ
ବନ୍ଧୁ ସେ ଯିବାପାଇଁ ପାଉନ ପଥ ଅବରଳେ ।
ଜନନୀ ହୋଇ କୋଳେ ଧରିବାପାଇଁ ଏକ ପୁଅ
ଶୂନ୍ୟ ନୟନେ ତା' ଜାଗୁନ କେତେବାର ଲୁହ ?

ହୃଦୟ ଦେଇକା'ରେ ଯେନେହେ ବର ନେବାପାଇଁ
ଖୋଜୁଛି ବକ୍ଷ ତା' କାହାରେ ଲଦେ ପାଉନାଇଁ ।
କୁଟୀରେ ରହି କା'ର କରିବାପାଇଁ ଜନସେବା
ଲୋଡ଼ିଲେ ହେଲେ ତାକୁ ସୁଯୋଗ ଦେଉଅଛୁ କେ'ବା ?

ଫକୀର୍ ଜେନା

ବଞ୍ଚିତ-ଫକୀର ଜେନା ତଥାପି ବଞ୍ଚିତ
ତା' ଦରିଦ୍ର ଜୀବନର ଇତିହାସ ଧରି ।
ଘରେ ତାର କିଏ ?
ଶୂନ୍ୟ ଘର, କେହିନାହିଁ କେହିନାହିଁ —
ଜଣେ ପୁଛା କେହି ନାହିଁ
ତୋରଣି ଟିକିଏ ଘରେ ବାଢ଼ିଦେବା ପାଇଁ !
ଫେରିଲେ ସେ ମୂଲ ଲାଗି
ଭୋକେ ଯେବେ ହେଉଥାଏ ଆହୁଟୁ ପାହୁଟୁ
ଶୋଷେ ଯେବେ ହଂସା ତା'ର ଯାଉଥାଏ ଉଡ଼ି
କ୍ଷୁଦ୍ର ତାର ଦରିଦ୍ର କୁଟୀରେ
ବସିଯାଏ ଅବାମାଣ କେତେବେଳ ଯାଏଁ
ଆଖିରୁ ଦ'ଧାର ଲୁହ ଝରି ପଡ଼େ
ବକଲେ ମଉନେ ।

ଅତୀତର କେତେ ସ୍ମୃତି ଆଖି ଆଗେ ନାଚି ଯାଏ
ଗୋଟି ଗୋଟି ହୋଇ ।
ସବୁଥିଲା ତାର —
ପୁଅ ଥିଲା, ଝିଅ ଥିଲା,
ଥିଲା ତାର ରୂପବତୀ ଗୁଣବତୀ ଗୋଟିଏ ଭାରିଜା ।
ପୁଅ ତାର ?

ଭେଣ୍ଡାପୁଅ, ବୋଲଦେଲା ପର ବାହା
କରି ଭରି ଆସୁଥିଲା ପାଇଟି ପତର ।
ଝିଅ ତାର ?
ଆସନ୍ତା ଏ ମଗୁଣିରେ ହୋଇଥାନ୍ତା ବାନ୍ଧା ।
ତାର ସ୍ତ୍ରୀ ?
ମୂଲ ଲାଗି ଯେତେବେଳେ କ୍ଲାନ୍ତ ପଦେ
ଫେରି ଆସେ ଗୃହେ
ଜାହ୍ନ, କାନ୍ତି, ସ୍ୱତ ଓ ତୋଷଣୀ
ବାଢ଼ିଦିଏ ସଂଗେ ଆଦରେ
ଦିନକର ସବୁ କ୍ଲାନ୍ତି, ଅବସାଦ
ଅନ୍ତରର ଗୁରୁ ନିଷ୍ପେଷଣ
ଭୁଲିଯାଏ ନିମିଷକେ ସେ ଫକୀର ଜେନା ।
ସବୁ ଦୁଃଖ ଦାରିଦ୍ର୍ୟ ଭିତରେ
ତାର ଏଇ ମଧୁର ସଂସାର
ସାତସରଗରୁ ବଳି ଥିଲା ଯେହ୍ନେ ଜୀବନର ପ୍ରିୟ ।
ଅଭାବ ଦୈନ୍ୟରେ ଯେବେ
ଯାଉଥିଲା ଝାଉଁଳି ତା' ଗୋଟିକ ଅନ୍ତର
ଏଇ—ଏଇ—ସଂସାରଟି ଦେଉଥିଲା ଯେହ୍ନେ ତାରେ
ସଞ୍ଜୀବନୀ ଧାରା—

ସେ ବରଷ ଜ୍ୱରଜାଟି ବୁଜିଦେଲା ଆଖି
ହେଲା ଯେବେ ସନ୍ନିପାତ ।
କେତେ କାହୁଁ କରିବ ସେ ଔଷଧ ପତ୍ର
ଏତେ ବା ପଇସା କାହୁଁ ?
ଦେବାପାଇଁ ପଥ୍ୟ ବା ପାଚନ;
ଛ'ମାସ ନ ଯାଉଁ

ପୃଥପର ପୃଥ ତାର
ଢନକର ହଇଜାରେ
ଶୂନ୍ୟ କର ଦରିଦ୍ର ସଂସାର ଗଲା ଆର-ପାରେ ?
ସମ୍ବଳ କାହିଁ ବା ତାର
କଣବାକୁ ତୃପ୍ତିନ୍ତ ଚକସ୍ରା ?
ସେଥର ବସନ୍ତ ହେଲା
ଟିଅଛି ତା' ଝଲଝଲ ହୋଇ
ସ୍ମରଣେ ବୁଜଦେଲା ଆଖି !

ପୃଥ୍ୱୀ ସ୍ଖଳିତ
ତା'ଭିତରେ ସ୍ଖଳିତ ବି ଏ ଫଙ୍କାସ୍ ଜେନା
ଆଖି ଲୁହ ଆଖିରେ ତା' ମରି ମରି ଯାଏ
ବୁକୁର ଅନନ୍ତ ବ୍ୟଥା ବୁକୁତଳେ ଥାଏ
ଯେହ୍ନେ ସ୍ତୂପୀକୃତ ହୋଇ ।
ମନେ ପଡ଼େ କେବେ ପୃଥ
ମନେ ପଡ଼େ କେବେ ବା ସ୍ୱରଜା,
ସମର୍ପେ ତ ଗଲେ ସ୍ଖଳି ଗୋଟି ଗୋଟି ହୋଇ
ରହିଛି ଏ ଭଗ୍ନ ସ୍ଥଳୀ ରହିଚ ଏ କାନ୍ଥ ବାଡ଼
ରହିଚ ଏ ମାଟି ।
ଏହାର ଭିତରେ ଯେବେ ବକ୍ଷ ତାର
ନିଦାରୁଣ ଆଘାତରେ ଯାଏ ଫାଟି ଫାଟି
କିଏ ବୁଝେ ? କିଏ ଜାଣେ ? କିଏ ଆସେ
ଦେବାପାଇଁ ପ୍ରବୋଧନା ବାଣୀ !
ସୁଦୂର ପଲ୍ଲୀର ସେ ଯେ
ଅବଜ୍ଞାନ ପ୍ରାଣୀ !

ଆଖିକୁ ଦିଶୁନ ତାର କାନକୁ ଶୁଭୁନ
ଦେହେ ଖାଲି କଣ୍ଟା ଅଛୁ
ବୁକୁତଳେ ଅଛୁ ତାର
ବେଦନାର ଇତିହାସ
ଚିର ଅଶ୍ରୁମୟ ।
ତଥାପି ଜୀବନ ତାର
ବହୁକ ବୈଚିତ୍ର୍ୟ ଭାର
କେଉଁ ମହା ବିଧାତାର
ଖିଣାତାରେ ଅଣ
ହୁଏ ଚଞ୍ଚଳ ଅଥୟ ?

ନିରନ୍ନ

ଯିଏ ଯହିଁ ଚାଲିଗଲ ଆପଣା କୁଟୀରେ ନିରନ୍ନ ଏ ହତଭଗା ଯିବ କହ କାହିଁ?
ଭଗ୍ନନୀଡ଼ହୋଇ ସେହୁ ବୁଲଇକ ଏଥି କେହିଜଣେ ଆପଣାରହୋଇ ତା'ରନାହିଁ ?
ଶିରେ ରୁକ୍ଷ କେଶରାଶି, ଦେହେ ଛିନ୍ନବାସ ଓଠେ ଦୈନ୍ୟ ବାଣୀ
ଚରଣେ ଜୀର୍ଣ୍ଣ ଅଙ୍ଗଯଷ୍ଟି, ଧରଣୀର ମାନହୀନ ଅବଜ୍ଞାତ ପ୍ରାଣୀ
ସୀମାହୀନ ଏ ଯେ ମହା ସୃଷ୍ଟି ତଳେ ତଳେ
ଅବସାଦେ କୋଟିଲୁହ ବିନ୍ଦୁ ଯେବେ ଝରେ
କହିବାକୁ ଫିଟାଇ ମରମ
କିଏ ଅଛି ଆପଣାର ଜନ ?
ଦୁଖ ବ୍ୟଥା ବୁକୁତଳେ
ଚକ୍ଷୁ ଲୁହ ଚକ୍ଷେ ମରେ
ବିଶାଳ ଏ ପଥେ
ଚାଲେ ଅନ୍ଧାରତେ
ଦିନରାତି
ନାହିଁ ସାଥି !

ନାହିଁ ତା' ଆକାଶ ସ୍ପର୍ଶୀ କନକ ସୌଧ ନାହିଁ ତା ହୃଦୟ ଭରା ଧନ ଉଚ୍ଛଳିତ
ନାହିଁ ତା' ଉଦ୍ୟାନ, ନାହିଁ କେଳି ସରୋବର ରାଜହଂସ କ୍ରୀଡ଼ା ଯହିଁରେ ଅବିରତ !
ଆଡ଼ମ୍ବର ଅହମିକା ଶାସନର ରାଜଦଣ୍ଡ ନାହିଁ ତାର ନାହିଁ
ତା' ବ୍ୟକ୍ତିତ୍ୱ କୁତୂହଳ ଏ ମଣିଷ ସମାଜରେ ମାନପତ୍ର ପାଇଁ
ଥୋଇନାହିଁ ଶତଦାବୀ ଅଭିମାନ ବୋଲା
ଉନେଇଲେ ସ୍ନେହ କେବେ ତା' ଉତ୍ତମ ଡୋଳା
ନୀରବ ଇଙ୍ଗିତେ କାହା ପ୍ରାଣେ
ଦେଇନାହିଁ ବ୍ୟଥାଦେଲେ ଧାନେ
ନିଜର ଗୌରବ ଯାହା କହିବାକୁ କାହିଁ ରାହା ?
ଦରିଦ୍ର କାଙ୍ଗାଳ କିବା ଅଛି ତାର ?
ଦୁଇଧାର ଲୁହତାର !

ଧରଣୀର ପଥେ ପଥେ ବସିଅଛି ଆନନ୍ଦ ବଜାର ଲାଗିଅଛୁ ନୃତ୍ୟ ଗୀତ ନାଟ
କିଏ ସ୍ନେହ ବନ୍ଧ ଟେକି ମନ୍ତ୍ର ବଳଭରେ କାହାଶିରେ ବନ୍ଧାହୁଏ ଜୟ ଜୟପାଟ
ଏକଛତ୍ର ସମ୍ରାଟର ଆସନ ପାଇଁକି ଧରଣୀର ମହା ବକ୍ଷପରେ
କିଏ କେତେ ନେତୃବଳେ ଅଭିଯାନ ପରେ ଶତ ଅଭିଯାନ କରେ
କେତେ ଆଶା ଅଭିଳାଷ ସ୍ୱପ୍ନ ସାଧନାର
ମୂର୍ତ୍ତିର ଉଠଇ କାହା ବକ୍ଷେ ବାର ବାର
କିଏ ସ୍ତବ୍ଧେ ଧନଜନ ଜ୍ଞାନ
କିଏ ସ୍ତମ୍ଭେ କ୍ଷମତା ସମ୍ମାନ
ନିରନ୍ନ ଦରିଦ୍ର ଏଇ ବକ୍ଷେ ତାର ନାହିଁ କେହି
ତାର ବକ୍ଷପୁଟେ ଗାଲି ଯେତେହେଁ ଫୁଟେ
ମୁଠେ ଭାତ ! ମୁଁ ଅନାଥ !

୮

ହାତମେ ଖର୍ପର ଧରି ଆନ ହାତ ଝୁଲି ମାଗେ ଦଅ ବାବୁ ଦଅ ଗଣ୍ଡେ ଭାତ ମତେ
ଘରୁ ଘରେ କେତେ ସ୍ଥାନମାନେ ପାଦଧୂଳି ନଗ୍ନଶନସ୍ଥଳେ ତାକେ ବଣ୍ଣୀଜପଥେ !
ଆକାଶ ଯାଏନ ଫାଟି ପାଦତଳେ ବସୁନ୍ଧରା ଲସିଯାଏ ନାଇଁ
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା କକ୍ଷ ଭ୍ରଷ୍ଟ ନୋହିଁ କେନ୍ଦ୍ରେ ରହିବାନ୍ତି ଯହିଁ !
ଅନନ୍ତ ବୁଭୁକ୍ଷା କେନ୍ଦ୍ରେ ଶିର ତାର ତୋଲି
ସେ ଖର୍ପର ପ୍ରତି ଅଣୁ ପରମାଣୁ ଖୋଲି
ସୃଷ୍ଟି ପ୍ରତିରନ୍ଧ୍ରେ ଯହିଁ ଡାକେ
ଦୟା କଣ ନାଇଁ ତୁମ୍ଭ ପାଖେ ?
ବିପୁଳ ସୁନ୍ଦର ସୃଷ୍ଟି ଯହିଁ ଢାଳି କ୍ଷୀଣ ଦୃଷ୍ଟି
ତା' ଅନ୍ତର ତଳ ହୁଏନ ସଜଳ
ହାହାକାର ହୁଏ ସାର !

ଅଭାବ ଓ ଅନାହାର ପୀଡ଼ନରଞ୍ଜରେ ଅନନ୍ତସନ୍ତାପ କୋଳେ ସେହେ ଦିନଯାପେ
ଦିନଯାଏ ରାତିଆସେ ଆସେ ବର୍ଷମାସ, ତା'ବେଦନା ଘୁଞ୍ଚେନାଇଁ କାହା ଅଭିଶାପେ
ତା'ପାଇଁ ଫୁଟେନ ଫୁଲ ତା'ପାଇଁ ବିଣୋସ୍ନିବଧୂ ଜାଳେନ ଜାଗର
ତାପାଇଁ ବହେନ ବାଆ, ତାହାପାଇଁ ଊର୍ମି ତୋଳି ନାଚେନ ସାଗର !
ଯହିଁ ସେ ପକାଏ ତାର ଦୃଷ୍ଟି ବାର ବାର
ଫୁଟେ ତହିଁ ବେଦନାର କୋଟି ଅଶ୍ରୁଧାର
ଅନ୍ଧକାର କୋଳେ ଥରି ଥରି
ଝୁଲେ ତା'ର ଜୀବନର ତଥ୍ୟ
କାହିଁକି ଏ ଅସମତା ? କାହିଁକି ଏ ନିଷ୍ଠୁରତା ?
ଏ ଯେ ଅତ୍ୟାଚାର ନୂହେଁ ସହିବାର
ମନୁଷ୍ୟର ରକ୍ତର !

ଯେତେବେଳେ ଦୁଃସ୍ୱପ୍ନ ନିରନ୍ନକାଙ୍ଗାଳ ମଣିଷକାନ୍ଦୁଚି ତା'ରବୁକୁ ତଳେତଳେ
ଦୀର୍ଘ ମାସ ଦିନ ଧରି ତାହାରି ଭିତରୁ ମଣିଷ ଉଠଇ ଡାକ ଏଇ ମଣିଷରେ
କୋଟି ବନ୍ଦ୍ ମେଣ୍ଟକେ ଆପ୍ଲୁତ କରି ଧରଣୀର ପ୍ରତି ଅନୁଭୂତି
ମଣିଷର ପଞ୍ଜରତଳେ ମଣିଷ ଡାକଇ କେନ୍ଦ୍ରେ ନମ୍ର ହୋଇ ଅତି !
ଆଖି ଫେରି ହେ ପୃଥିବି ! ସ୍ୱପ୍ନ ଅରେ ସ୍ୱପ୍ନ
ସେ ଯେ ତୋର ଅନ୍ତରର ଅନୁଭୂତ ମନ୍ତ୍ର—
ଗୋଟିଏ ନିରନ୍ନ ଜୀବ, ସେ ଯେ—
ଲୋଡ଼େ, ତୋହରି ଅନ୍ତର ଶେଯେ
ପଡ଼ିବାକୁ ସୁଖେ ଟିକି
କାନ୍ଦିବାକୁ ବକ୍ଷ ଭରି
ଅନ୍ତର ବେଦନା
କରନାହିଁ ମନା
ସେ ଯେ ତୋର
କର କୋଳ !

ଠିଆ ହେଲା

ଅକସ୍ମାତେ ମୋ ସମ୍ମୁଖେ ହେଲା, ସମ୍ମୁଖେ ହେଲା ଠିଆ
କେଉଁ କୃଷୀବଳର ସନ୍ତାନ ସେ ଯେ ଗୋଟିଏ ନିଃସ୍ୱ ଛୁଆ !
ବାର ବରଷର ବାଳିକାଟିଏ ସେ ପସ୍ତ୍ରା ହାତ ଧରିଣ
ଆଣ୍ଠୁ ଲୁଚୁନି ଚିରା କନାଟିକୁ ଭୂଷଣ କରିଛି କି ସେ ?
ହାତରେ ଧରିଛି ଭଙ୍ଗା ଟୋକେଇ ଧାନ ଗୋଟାଇବା ପାଇଁ
ଧାନର ଶିଂଷା କେତୋଟି ତଳିଁରେ ପଡ଼ିଛି ଅଥବା ନାହିଁ !
ସମ୍ମୁଖେ ମୋର ଠିଆ ହେଲା ଆସି ନ କହୁ ପଦଏ କଥା
ଉଷ୍ମଳେତକ ଓଦା କରୁଥାଏ ନିଃସ୍ୱ ତା' ଆଖିପତା
ହାତର ପିଠିରେ ଲୁହ ପୋଛୁ ଦେଇ ଖାଲି ଚାହୁଥାଏ ମୁହଁ
'କିଏ ତୁହି ମାଆ କାହାଘର ଝିଅ କାନ୍ଦୁଛୁ କାହିଁ ପାଇଁ ?'

ପଚ୍ଚରିଲି ତାରେ, ଉତ୍ତରିଲା, 'ମୁଁ ଲେଙ୍କା ତନ୍ତୀର ଝିଅ
ବିଦେଶେ ମୋହର ମରିଅଛି ବାଆ ହେଲାଣି ବରଷ ଦିଅ ।
ବୋଉ ପଠେଇଛି ଯା' ତା ବିଲରୁ ଧାନ ଗଣ୍ଡିଏ ନେଲେ
ମଣିଷ ଖାଇବୁ, ଘରେ କିଛୁ ନାହିଁ କଟିଯିବ ହେଲେ ବେଳେ ।'
ଦେଖି ଅଛୁ ମୁହିଁ ଲେଙ୍କା ତନ୍ତୀକି ବଡ଼ [illegible]ମ ଲୋକ
ଦରିଦ୍ର ତାର ଜୀବନେ ସହିଛି କେତେ ଯେ ଉପାସ ଶୋକ ।
ଶେଷକୁ ସେ ଗଲା ଆସାମ ମୁଲକ ସେଇଠି ନଭିଲ କାହିଁ
ଝିଅ ତା' ବୁଲୁଛି ଏହୁ ବିଲମାନେ ଧାନ ଗୋଟାଇବା ପାଇଁ !
କାହା କିଆରିରେ ପଶିଲେ କେ କରେ ଦୂର ଦୂର ମାର ମାର
ମନା କଲେ କିଏ ଫେରି ଆସେ ତାଳ ଚପ୍ତଲେତକ ଧାର ।

ବିଲ୍ କାଉଣ୍ଟରେ ଡାକ୍ତରୁ ତଳପା ଯାଏ ମୁଁ ଦେଖିଚି ତାରେ
ଝାଉଁଳି ପଡ଼ିଚି ଦେହ ମନ ତାର ନିର୍ଯ୍ୟାତନାର ଭରେ
ସମ୍ମୁଖେ ମୋର ଠିଆ ହେଲା ସେହି ଲୋକା ତନ୍ତୀର ଝିଅ !
ମାଗିନାହିଁ କିଛି, କହିନାହିଁ ପଦେ 'ବାବୁ ଗଣ୍ଡିଏ ଦିଅ'
ପଚାରିଚି ଯାହା କହିଚି ସେତିକି, ଆଉ କିଛି କହିନାହିଁ
ଠିଆ ହେଲା ଖାଲି ସମ୍ମୁଖେ, ଚାହିଁ ଚାହିଁ ମୁଁ ପାରିଲି ନାହିଁ
କହିବାର ପାଇଁ କଥିଲା ତାହାର ? କହିଥାନ୍ତା କି କଥା ?
ଉତର ବାହାର ସ୍ୱରଧର ତାର ବୋଲା ଖାଲି ଉକ୍ତତା !
ଠିଆ ହେଲା ମୋର ସମ୍ମୁଖେ ଖାଲି ଟିକିଏ ରହିଲା ଚାହିଁ
•ଭଙ୍ଗା ଝୋଟେଇ କାଖରେ ଯାକିଚି ଚାଲିଗଲା ଦୂରେ କାହିଁ !

ନିଶ୍ଚିହ୍ନ ନିଃସ୍ୱ ତା ଆଖି ଦୁଇରୁ ପୋଛୁ ପୋଛୁ ଲୁହ ଧାର
ଫେରିତ ଚାହିଁନ, ଚାଲିଗଲା ସେହୁ ବହି ତା' ବେଦନା ଭାର
ଆଖିରେ ତାହାର ସେଇ ଲୁହ ଅଛି କଣ୍ଠରେ ଛିଣ୍ଡା କଥା
ମୁଖମଣ୍ଡଳେ ସେ ମଳିନ ଛବି ବୁକୁ ତଳେ ସେ ବେଦନା
ପଚାରିଲି 'କେ ଏ କଲେଇ ଗଦାଏ' କିଛିତ କହିଲା ନାହିଁ
ସମ୍ମୁଖେ ମୋର ଖାଲି ଠିଆ ହେଲା, ଟିକିଏ ରହିଲା ଚାହିଁ
ଚାଲିଗଲା ସିଏ ! ଚାଲିଗଲା ସିଏ ! ମିଶିଗଲା ଭିଡ଼ମାଳେ;
ସିଏ କାନ୍ଦୁଚି, ମୁହିଁ କାନ୍ଦୁଚି ତା' ପାଇଁ ଅସମ୍ଭାଳେ !
ସମ୍ମୁଖେ ମୋର ଠିଆ ହେଲା ସେଇ ଲୋକା ତନ୍ତୀର ଝିଅ
ମାଗିନାହିଁ କିଛି କହିନାହିଁ ପଦେ 'ବାବୁ ଗଣ୍ଡିଏ ଦିଅ ।'

ନୟନ ଲୁହ ନୟନ କଣେ ଭରି

ଜୀବନ ଭର ଏ ବୁକୁତଳେ ଫୁଟେ ମୋ' ଯେଉଁ ବଥା
କହିଲେ କହି ପାରିବ ନାହିଁ ଘୁରିଇ ଯାଏ ମଥା
ଆଖିର ଲୁହ ଆଖିରେ ମରେ ନୀରବ ହୋଇ ରହେ
ପଧାନ ଘର ବୋହୂ ଯେ ମୁହିଁ କୋଟିଏ ଦୁଃଖ ସହେ

ପହିଲି ପାଳି ଆସିଲି ଯେବେ ପଡ଼ୁଛି ମୋର ମନେ
ଗିରସ୍ତ ମୋ ଗଜା ବଇସା ମରଦ ଟୋକା ଜଣେ
କାନରେ ତାର ବାଡ଼ିଆ ନୋଳି କଉଳି ଆହାମାନେ !
କବାଟ କଣେ ସୁହେଁ ମୁଁ କେତେ ସଗ୍ରିଗ ସପନମାନେ !

ବିଲ ବାଡ଼ିକି ଯାନ୍ତି' ସିଏ ପଖାଳୁଁ ଛୁଟି କରି
ଖରା ହେଉ ବରଷା ହେଉ ହେଉ ବା ଝଡ଼ ବଡି ।
ପ୍ରତ ନଡ ସେ ଅଣନ୍ତ ମୂଳ ପଇସା ବୃତଅଣା
ଭଲରେ ଆମେ ଚଳୁ ଯେ ଯାଉ କରଣି ପିଠା ପଣା

ସେଥର ଯେବେ ମଡ଼ିକ କାହିଁ ପଡ଼ିଲା ଆମ ଗାଁଏ
କି ପିଲା ପିଲ ଭେଣ୍ଡା ବୁଢ଼ା ମଲେ ଯେ ଶହେ ପ୍ରାଏ !
ସଞ୍ଜ ନୋହୁ ତାଟି କବାଟ ସବୁରି ଯାଏ ପଡ଼ି
ମଶାଣି ଉଭ ନଭଲା ନାହିଁ ଦ' ଢନ ପଖ ଧରି ।

ସେଥର ମୋର ଶଶୁର ବୁଢ଼ା ବୁଜିଲେ ପଗ୍ର ଆଖି
ମରିବା ପାଇଁ ତ'ଡନ ଅଛୁ କହିଲେ ପୁଏ ଡାକି ।
ଦେଖି ଶିହ୍ନିଁ ଚଳିବୁ ବାବୁ ସାହିତ ସବୁ ଗ୍ରନ୍ଥ
ଲାଗିଲା ଡଡେ ଘର ଦୁଆର ଲାଗିଲା ବଳ ବାଢ଼ି ।

ସେତକୁ ତାଙ୍କ ସେରନ୍ଥା ପଣ ସାଇତ ଗ୍ୟଲ କାହ୍ନି
ଲାଗିଲା ଘର ଲାଗିଲା ଧନ୍ଦା ସବୁ ଅମର ପାଇଁ
ସୋଡ଼ଏ ଝିଅ ଗୋଟିଏ ପୁଅ ସାନଟି ଆଏ ପେଟେ
ଖାଇବା ପାଇଁ ଅଣ୍ଟେ ନାଇଁ ଅଣିଲେ ଯହୁଁ ସେତେ ।

ବିକିଲି ଟଙ୍କ ବିକିଲି ନୋଥ ବିକିଲି ଚନ୍ଦ୍ରହାର
ବିକିଲି ବଦ ବିକିଲି ମୁଡ, ବାହୁର ରୂପା ତାଡ଼
ଗିରସ୍ତ ସେ ଦହ ଦୁଃଖରେ ପଡ଼ିଲେ ଶେଷ ଧର
ମିଳିଲା ନାଇଁ ମୂଲ କି ପାଠ ସବୁ ସେ ଗଲା ସର ।

ହାତରେ ଆଏ ଦପଟ ଭାତ ଦେହରେ ଚଗ୍ ଜନା
ସ୍ୱଚ ପାଇଲେ ଖାଇବା ପାଇଁ ନ ଥାଏ ଘରେ ଦାନା
ପିଲାଟିମାନେ ହୁଅନ୍ତି ଆହ୍ୱା ସେଭଳି ନାରଖାର
ଉପାସ ହେଲେ ଶୁଙ୍ଘିଲେ ଥରେ ବହୁବ ଲୁହ ଧାର ।

ଦ'ମାଣ ଭୂଇଁ ବାଡ଼ି ତଳରେ ବିକିଲି ସାଥେ ସାଥେ
କରଜ ସୂଚି ସାଉକାରର ଫେଣ୍ଡିଲ ଟାଲି ହାତେ,
ପଗ୍ରଣ ପଡ ଜନ୍ମ ରେଟେରେ ବୁଜିଲେ ଆଖି ସେବେ
ଶୀତେଭ ଯାଏ ଦହ ସେତନ ପଡ଼ିଲେ ମନେ ଏବେ !

ସେ ଯହୁଁ ଥିଲେ ସଂଘାଳ ମୋ ଗଳେରେ କାହୁଁ ମର
ଗୋଟିଏ ବୋଲି ଯମ ଅଇଁଠା ରହିଛୁ ମର ମରି ।
ତାକୋଇ ସ୍ୱନ୍ଧୁଁ ପାଶୋରି ଦଏ ସଜଳ ଦୁଃଖଦାୟି
ତାକୋଇ ସ୍ୱନ୍ଧୁଁ ନୟନଚକ୍ରୁ ନ ବହେ ଲୁହ ଆଉ !

ସେଦନ ପରି ଆମର ଗାଆଁ ଖମାର ସାହୁକାର
ଧରି ନେଲା ମୋ ଧନକୁ ଦେଲେ ହଂଗା ଲଂଘା ମାଡ଼
ବଳରୁ ତାଙ୍କ କଏ ସେ ନେଲା ସ୍ୱେଗ୍ୱଇ କରି ଝେଡ଼
ମୋ ଧନମାଳ ଖାଇଲା ଗାଳି, ବାଜିଲା ଦେହେ ହେଉ,

ଭାକୁଡ଼ ଭରି କହିଲା କେତେ ସ୍ୱେଗ୍ୱଇ ନାଇଁ ମୁହିଁ
ପିଆଦା ତାଙ୍କ ମଦନ ସାହୁ ମାଇଲା ଦଣ୍ଡ ଛୁଇଁ
ଶ୍ରାବଣ ମାସ ବରଷା ପରି ଝରୁଥାଏ କେତେ ଲୁହ
ବାହାରେ ରକ୍ତ କହିଲି ଦୋଷ କରିନ ମୋର ପୁଅ !

ବାହାରେ ରକ୍ତ କହିଲି ଦୋଷ କରିନ ମୋର ପୁଅ
ପିଠିରେ ମୋର ବସିଲା ବାଧା ଶୁଣିବେ ଥିଲେ ଦଅଁ
ମାଆ ଓ ପୁଅ ଫେରିଲୁ ଆମେ ମାଡ଼ ଓ ଗାଳି ସହି
ଉପାସେ ପେଟ କାନ୍ଦୁଥାଏ ଦୁଃଖେ ଯାଉଥାଏ ଲୁହ ବହି ।

ତା' ଧାରଦିନ କୁଡ଼ିଆଟିରେ ଲାଗିଲା ମୋର ନିଆଁ
ସେ ମାଡ଼ କଥା କହିଲି କିଆଁ ହୋଇ ମୁଁ ଅମାନିଆଁ !
କୋଡ଼ିଏ ଟଙ୍କା କରଜ କରି ତୋଳିଲି ମୋର ଘର
ଛ'ମାସ କୋହ୍ଲୁ ଘରଟି ମୋର ନେଲେ ସେ ସାହୁକାର

କହିଲି କେତେ ନେହୁରା ହୋଇ ଚରଣ ତଳେ ପଡ଼ି
କୋଡ଼ିଏ ଟଙ୍କା ଧନ ଯେ ମୋର ସୁଝିବ କାଲି ପରି ।
ମୋ ପିଲା ଦେହେ ଲାଗିଲେ ତେଣୋ କୋଡ଼ିଏ ଟଙ୍କା କସ
ବରଷ ପିଲ୍ଲ ଅଣିବ ଲାଗି ଦୁଇଣ ଲୁହେଁ ମିଛ ।

ପଦନ ସାହୁ ମହତ ସାରି ଶୋଧିଲା ଗୀତା ମତେ
ଭକତ ଧରି କଏ ସେ ସହ ପାରିବ ଏ ମରତେ ।
ମୋ ଧନମାଳ ବରଜା ପରି ଥରୁଥାଏ ଥର ଥର
ବହୁଥାଏ ତାର ନୟନ ତକୁ ଲୁହ ଯେ ଝର ଝର

ଧନମାଳୀର ନୟନ ଲୁହ ପଣତେ ପୋଛି ଦେଇ
କହିଲି ତାକୁ ଆମର ହୋଇ ମଙ୍ଗେ ନାହିଁ କେହି ।
ଜଅନ୍ତି ଏଇ ବୁଢ଼ିଆ ଏଇ ଦୁଃଖୀର ଅଣ୍ଟାଟିକ
ବୁଲିବା ପଛେ ତାର ଦୁଆରେ ମାଗିବା ଯାଇ ଭିକ ।

ଉପାସ ବେଳେ ସଡ଼କ ପାଖେ କେବଣ ଗଛତଳେ
ମରିବା ପଛେ ଛୁଇଁବା ନାହିଁ ଏ ମାଟି ଆଉ ଥରେ
ସତ୍ୟ ନାହିଁ ଧର୍ମ ନାହିଁ ମଣିଷଠାରେ ଯହିଁ
ଜନମେଷ୍ଟେ ହେଲେ ସେ ମାଟି ପରେ ଆସେ କି କେବେ ରହି ?

ମୋ ଧନମାଳୀ ଖାଇନ ଭାତ ବସିଛି କଂସା ପାଖେ
ପାଟିକି ଗୁଣ୍ଡା ଜଏ ନ ଜଏ ତାହାରେ କଏ ଡାକେ ।
ବାହ୍ମଣସାଥ ଘର ଝିଅକୁ ବାପର ଘର ପର
ଶୁଣନ କଥା କେତେ ସେ ପୁଣି ଦମାକ୍ ଅଛି କଣ ।

କୋ' ଦିନୁ ଆମେ ମାଆ ଓ ପୁଅ ଅସିତ୍ ଗୁଡ଼ ଘରୁ
ଗାଆଁରୁ ଗାଆଁ ଏ ପେଟ ପାଇଁ ବୁଲୁଚୁ ଅବିରଳ ।
କାହାକୁ ମାଗୁ ଚାଉଳ ଅବା କାହାକୁ ମାଗୁ ଭାତ
କାହାକୁ ମାଗୁ ଲୁଗା ଖଣ୍ଡିଏ କାହାକୁ ମାଗୁ କାଠ ।

ସେ ଦିନୁ ଆମେ ଯାଇନୁ ଆଉ ଆମର ପ୍ରିୟ ଗାଆଁ
ପଡ଼ୁଚି ମନେ ବିଲ ପୋଖରୀ ନଈ ପାହାଡ଼ ନାଆଁ
ପଡ଼ୁଚି ମନେ ସାଇ ପଡ଼ିଶା ଆପଣା ପ୍ରିୟ ଯିଏ
ପଡ଼ୁଚି ମନେ କୁଟୀରି ଯାହା ମାଡ଼ ବହିଚ କିଏ ।

ପଡ଼ୁଚି ମନେ ଶାଗ ପଟାଳି ଯହିଁ ମୁଁ ଢାଳେ ପାଣି
ପଡ଼ୁଚି ମନେ ନଈରୁ ପାଣି ଆଣିବା ଯାଇ ଗୁଣି
ପଡ଼ୁଚି ମନେ ବୋଲୁ ହୋଇ ମୁଁ କାଟିବା ସୁଖେ କାଳ
ପଡ଼ୁଚି ମନେ ତା'ପରେ କେମନ୍ତେ ହେଲି ମୁଁ ନାରଖାର !

ପଡ଼ୁଚ ମନେ ଘର ଛାଡ଼ି ମୁଁ ଦାଣ୍ଡେ ହେଲି ଠିଆ
କାହା ଘରର ଝିଅ ମୁଁ ଥିଲି, ଥିଲି ମୁଁ କାହା ପ୍ରିୟା ।
ବାଟ ଘାଟ ମୁଁ ନ ଥିଲି ଦେଖି ନ ଥିଲି ଚିହ୍ନି ଲୋକ
ବାର ଦୁଆରେ ବୁଲିଲି ଆହା ପାଇବା ପାଇଁ ଟୋକ

ସୁଦୂର ଏଇ ପ୍ରବାସ ଗାଁଏ ପିଲାଟି ମୋର ବୁଲେ
ଆଖି ବୁଜି ମୁଁ ଯିବଇଁ କାଲି କେଉଁ ଅଜଣା ପୁରେ
ପିଲାଟି ମୋର ଜୀବନେ ଆଉ ନ ପଡ଼ୁ ପରମାଦ
ଭିକାରୁଣୀର ସ୍ୱର୍ଗେ ଦିଅ ସେତିକି ପରସାଦ ।

ନୟନୁ ତାର ନ ବହୁ ଲୁହ ନ ପଡ଼ୁ ବାଧା ବୁକେ
ପୃଥ୍ୱୀପରେ ମୋ ପିଲାଟିକି ନଥାଉ ସ୍ଥଳ ସୁଖେ
ଗଢ଼ିବ ପାଇଁ ମଣିଷେ କେହି କାନ୍ଦେ ନାହିଁ ଜଣେ
ତା' ପଥେ ସେହୁ ବୁଲାଇ ଏକା ଲୋକଙ୍କ ଆଖି କଣେ ।

ଗୌରବର ଛତ୍ର ତଳେ ହୁଏନି କେବେ ଠିଆ
ଅଭାବ ଓଁ ଅସମ୍ମାନେ ପୋଡ଼ଇ ତାର ହିଆ ।
ଆପଣା କରି ବକ୍ଷେ କିଏ ନିଏନି ତାରେ ଟାଣି
ମୂଲ୍ୟହୀନ କହିଲେ ସିଏ ମୂଲ୍ୟବାନ ବାଣୀ ।

ଲକ୍ଷ ଲକ୍ଷ ବରଷ ହେଲା ପୃଥିବୀ କରେ ଗଢ଼
ଫୁଟଇ ଫୁଲ ବହଇ ବାଆ ହୁଅଇ ଦିନ ଗାଢ଼
ଦୁଃଖୀ ତାର ନୟନ ଲୁହ ନୟନ କଣେ ଭରି
ଧରଣୀ ବକ୍ଷେ ସ୍ଖଳିତ ମୂକ ଗାଈ ବଳଦ ପରି ।

ଏଭଳି କେତେ କହୁ ତା' ନେତ୍ରୁ ଲୋତକ ଗଲା ବହି
ନିମେଷ ପରେ ନଭିଲା ଶେଷ ପବନ ରହି ରହି
ପୁଅ ତା' ଦେଖେ ଜୀବନ ନାହିଁ ଦେହରେ ବୋଲି ହାତ
ଶୁଣଇ ଖାଲି—'ମୋ ପିଲା ପରେ ନପଡ଼ୁ ପରମାଦ' ।

ଲୁହର ଦାବୀ

କଳା କଳା ଖଣ୍ଡେ ପିନ୍ଧି ଏ ବିଜନ ପଡ଼ିଆରେ
ବସିଅଛୁ ମେହେନ୍ତର ଝଉଯା ମଲୁଆ
ସକାଳୁ ଖାଇନ ସିଏ ବେଳ ହେବ ବାରଘଡ଼ି
ଜଗିଚି ଏକାକୀ ଏଥି ପାଚଲା ମାଣ୍ଡିଆ !

ଘରେ ତା' ଗୁରେଟି ପିଲା ହେଉଥିବେ ଛଟପଟ
ତାଙ୍କୁ ଯେବେ ବେଳୁବେଳ କରୁଥିବ ଭୋକ
ଗିରସ୍ତ ତା ବୁଲୁଥାଏ ମନଇଚ୍ଛା ଏଣେ ତେଣେ
ବୁଝେନ ପିଲଙ୍କୁ ହାରେ ଦେବାପାଇଁ ଠୋକ ।

କହିଲ ବକଲେ ମତେ, ଶୀର୍ଣ୍ଣ ତା' ନୟନୁ ଢାଳ
କେତେ ବେଦନାର ସୀମାହୀନ ଲୁହଧାର
ଦ'ଘର କରଚ ସେବା ପହ୍ନର ଗୃହିଣୀ ବଳ
ଚଳଯାଏ ମୋର ପ୍ରତଦନ ଯା' ଆଧାର

ବଡ଼ ଦୁଃଖେ ଏ ପିଲାଙ୍କୁ ଚଳାଏ ମୁଁ ଏକା ଏକା
ତୁଣ୍ଡରୁ ଆଧାର ଦେଇ ବାର ନାରଖାରେ
ଖଦୀପଟା କିଣିବାକୁ ମିଳେନାହିଁ ପଇସାଏ
ତୁମ ଆଗେ କହିବିନି ଦୁଃଖ କପାଁ ବାରେ ?

ପିଲାଟା ମୋ ହୁଏ ଡଇଁ ଡଇଁ ମାଛ ଟିକେ ଖାଇବାକୁ
ପାରେନି ମୁଁ ଦେଇ, ଯାଏ ମାଗି କା' ଦୁଆରେ
କେ' ଦେଲେ କେ' ଦିଅନ୍ତିନ, ଭଲମନ୍ଦ କାହିଁ ଅବା
ଦେଖିବେ ପିଲାଏ ମୋର ଗରିବ ସଂସାରେ !

ହେଉଛି ଦେଖୁଚ ବାବୁ ! ପିନ୍ଧିଚ ଏ ଚିରାକନା
ବାହାରକୁ ଯିବା ପାଇଁ ଲାଗୁଚ ସରମ
ହାଡ଼ଭୂଲ ବୋଲି କଣ ଆମର ମହତ ନାହିଁ ?
କଥଣ କରିବୁ ଆମ ଗରିବ କରମ !

ପେଟରେ ମୋ ଆଠମାସ ଶେଷକ ତ ହୁଅଇ ବେଶୀ
ସକାଳୁ ମୁଁ ଉଠି ଯେବେ ଦାନ୍ତ ଘଷିଦିଏ
ନଥାଏ ମୁଠିଏ ଭାତ ପାଣି ମନ୍ଦେ ପିଇ ରହେ
ମନକଷ୍ଟ ମତେ ଆଣି ଦେଉଥିବା କିଏ ?

କେତେ ମୁଁ ଅନାନ୍ତ ହୁଏ ମନ କଥା ମନେ ରହେ
ପଠାଇଚ ଯାଆ ଏଠି ଜଗିବୁ ମାଣ୍ଡିଆ
ଏତେବେଳ ହେଲା ଅସି ପିଲେ କାନ୍ଦୁଥିବେ ଘରେ
ବାଆ ତା'ର କହିଥିଲା ନ ଆସିଲା କିଆଁ ?

ଶୁଣି ତା' ଅନ୍ତର କଥା ଫେରିଲି ମୁଁ ପଥେ ପଥେ
ତଥାପି ପଛକୁ ଫେରି ନିମିଷକେ ଚାହେଁ
କଳା କଣା ଖଣ୍ଡେ ପିନ୍ଧି ବିଜନ ସେ ପଡ଼ିଆରେ
ସେଇପରି ବସିଅଛି କେତେବେଳ ଯାଏଁ !

ହୃତ୍‌ପଦ୍ମ ନୟନେ ପୁଣି ଚାହିଁଲି ବହୁତ ଦୂରୁ
ଦେଖିଲି ବସିଛି ସେଇ ଦୁଃଖିନୀ ମରୁଆ
ଦେଖିଲି ସେ କଳାକଳା ତଳୁ ଯାହା ବାହାରୁଛି
ନିଖିଳ ପୃଥ୍ୱୀକୁ କରୁଅଛି ଅଂଧାରୁଆ !

ଆହୁରି ଦେଖିଲି ମୁହିଁ ଏ ନିଖିଳ ଚରାଚରେ
ମାଡ଼ି ଯାଉଅଛି ବେଶି ବେଶି ଅଂଧକାର
ଜଳ ସ୍ଥଳ ଗଛ ପତ୍ର ପାହାଡ଼ ପ୍ରାନ୍ତର ଗାଆଁ
କିଛି ହେଲେ ଦିଶୁନାହିଁ ସବୁ ଏକାକାର !

ଏହି ମହା ଅନ୍ଧକାରେ ଦେଖେ ସେଇ ପଡ଼ିଆରେ
କେ ଆସୁଛି ଅଗ୍ନି ସମ ଚଣ୍ଡରୂପ ଧରି !
ପୁଞ୍ଜୀଭୂତ ଲୁହ ଅବା ମଣିଷ ପ୍ରାଣର ସେ ଯେ
ଖେଦି ସେ ଆସୁଛି କହୁ ବାଣୀ ଉସ୍ତୁଙ୍କସି !

ବିରାଟ ଏ ଧରଣୀରେ କରିବାକୁ ଉପଭୋଗ
ସକଳର ଅଛି ଦାବୀ ଅଛି ଅଧିକାର
ସଭିଏଁ ହସିବେ ଏଥି ସଭିଏ ନାଚିବେ ସୁଖେ
ଜୀବନ ଅମୃତ ପିଇ ଭୁଞ୍ଜି ଅନିବାର

ସବୁର ଅନ୍ତର ଲୋଭେ ଧନ ମାନ ଗଉରବ
ସବୁର ଅନ୍ତର ତଳେ ଜଳେ ଅଗ୍ନି ଏକ
ସବୁର ଏ ଜଳସ୍ଥଳ ଆକାଶ ଭୁବନ ବାୟୁ
ସଭିଏ ବଞ୍ଚିବେ ଏଥି ନ ହୋଇ ନିଶେଷ !

କନ୍ଦରେ ମଣିଷ କନ୍ଦ ! କଏ ତୋ ନୟନେ ଦେଲା
ବିଷର କଜଳ ରେଖା ନିଷ୍ଠୁରେ ନିର୍ମମେ
ତେଁ କନ୍ଦିଲା ପୃଥିବୀର ଅସଂଖ୍ୟ ଜୀବନ ରୁନ୍ଧି
ମାରି ହାଣି ଦୋଳୁଥିବୁ ସୁଖର ସପନେ !

ଘିଅ ଦୁଧ ମାଛ ଭାତ ଖାଇ ତୁ ରହିବୁ ଏଥି
ଅସଂଖ୍ୟ ଜନତା ମରୁଥିବେ ହା'ହାକାରେ
ରାକ୍ଷସଠାରୁ ପିଶାଚ ତୁ ମଣିଷର ଖୋଳ ଧରି
କଳଙ୍କ ବୋଳୁଚୁ ଏଇ ସୁନାର ସଂସାରେ !

ସୀମାହୀନ ବେଦନା ମୁଁ ଏଇ ମହା-ପୃଥିବୀର'
ଆସିଚି ମୁଁ ଅଗ୍ନି ହୋଇ ଦେବି ଧ୍ୱଂସ କରି
ଯେଉଁଠି ଜ୍ୱଳୁଚୁ ରୁଦ୍ର ଅସୀମ ଏ ଜନତାରେ
ତୋ' ଅନ୍ୟାୟ ରଥଚକ୍ରେ [illegible] ଦଳି

ତୋ ଆଖିରେ ମଣିଷର ପ୍ରାଣବୋଲା ଦୀପ୍ତି ନାହିଁ
ବକ୍ଷେ ନାହିଁ ମଣିଷର କରୁଣା ସେନେହ
ବିରାଟ ନରକଶାଳା ତୋ' ଅନ୍ତର ଦେହ ମନ
ପୂର୍ଣ୍ଣ ତହିଁ ସ୍ୱାର୍ଥ ଅବିଶ୍ୱାସ ଓ ସନ୍ଦେହ !!

ତୋ' ଭଳି ପ୍ରାଣର ନାହିଁ ଦଣ୍ଡେ ହେଲେ ଅଧିକାର
ଏଇ ବସୁନ୍ଧରା ପରେ ବଂଚି ରହିବାର
ତୋହରି ନିଶ୍ୱାସ ଚାପେ ଛିଡ଼ିଯାଏ ଯେଉଁଠାରେ
ସୀମାହୀନ ଜନତାର ଅନ୍ତର ବାହାର ।

ଯେ ମଣିଷ ମଣିଷର ବ୍ୟଥା ଏକା ବୁଝିପାରେ
ସବୁରିଙ୍କି ଦିଏ ପ୍ରାଣ ଖୋଲି ମଧୁଧାରା
ତାରି ଏକା ଅଧିକାର ଏ ମାଟିରେ ରହିବାର
ତା' ପରଶେ ସ୍ୱର୍ଗ ଭଳି ନାଚେ ବସୁନ୍ଧରା ।

ହତାଶ ପଥିକର ଗାନ

— ୧ —

ବନ୍ଧୁରା ଧରଣୀରେ ହେଲ ଏତେ କଠୋର !
ସଗ୍ରାମୁ ଫେରିଚି ମୁଁ ପରାଜିତ ସଇନ
ଗମ ଗମ ଝାଳ ମୋର
ବହିଯାଏ ଦେହରୁ
ସହୁଚି ମୁଁ ଯେତେ ଯାହା ନିଷ୍ଠୁର ଦହନ
ଚାଲିଚି ମୁଁ ପଥେ ଏକା
ଏ ସକାଳ ପହରୁ !

— ୨ —

ନୟନୁଁ ମୋ ଝରି ପଡ଼େ ଲୋତକର ଝରଣା
ଆକାଶେ ବତାସେ ଖୋଜି ଫେରୁଚି ମୁଁ କୁଟୀରେ
ପଥ ବଡ଼ ଦୁର୍ଗମ
କ୍ଳାନ୍ତ ମୁଁ ଶ୍ରାନ୍ତ
ଏକା ମୁଁ ଯେ କେହି ନାହିଁ ବନ୍ଧୁ ମୋ ସାଥିରେ
ମୋ ମରମ ବୁଝି ମୋରେ
କରିବ ଯେ ଶାନ୍ତ !

— ୩ —

ମନ କଥା ମନେ ମାରି ଚାଲିଚି ମୁଁ ଯାତ୍ରୀ
କାନ୍ଦୁଚି ମୋ ଭିତର ହୃଷ୍ଟ ସେ ଏକତ ! !
ରଞ୍ଜିତ ପଥ ମୋର
ସୀମାହୀନ ଲୁହରେ !
କା' ରହିଲ ମୁଁ ହେଲ ନାହିଁ କେତେ ଭାବେ ପୁଛିତ,
ଚାଲିଚି ନୀରବେ ଏକା
ଭଗ୍ନ ଏ ହୁଅରେ !

—୪—

ଜନ୍ମରେ ଆକାଶ କନ୍ଦ, କନ୍ଦ ଆଗୋ ଧରଣୀ !
କନ୍ଦ ମୋର ପରିଚିତ ବନ ବଲ ସରଣୀ !
ଶତ ବାହୁ ଧରିଲା କି
ସନ୍ଧ୍ୟ ସନ୍ଧ୍ୟ ଭୁଲିବ ?
ମୋ ଲାଗି ଫୁଟିବ ନାହିଁ ଉଷା ହେମ ବରଣୀ ?
ଆଖି ଲୁହ ଆଖେ ମାର
ସବୁ କଥା ଭୁଲିବ ? ?

—୫—

ପଲ୍ଲି-ପାନ୍ଥଶାଳ ଦେଖ ଦୂରେ ମୋର ଗାଆଁ ଟି !
ପଶୁରବ ଜଣେ ମୋରେ ସଗ୍ରାମ ବାରତା,
ବକ୍ଷେ ତା' କେତେ ଆଶା
ମୂର୍ତ୍ତିର ସ୍ୱପନ !
କି ଦେବ ମୁଁ ହୃଦର ଖୋଲି ବୁଝୁ କରତା !
କେ ବୁଝୁଚି ବିଶ୍ୱରେ
ନିଃସ୍ୱର ଜୀବନୀ !

—୬—

ଫୁଟିଚି ଗୋଲାପ କଳି ଫିଟିନାହିଁ ରଙ୍ଗ !
ବୁନ୍ଦି ସେ ରହୁଚି [illegible] ସୀମାହୀନ ଧ୍ୟାନେ ?
ଜାଗିଚି ବସନ୍ତ
ପିକ ପଞ୍ଚମ ଆସିନ
ସୌମ୍ୟ ଦଶଭ କବା ଜନକର ସ୍ୱାହାନେ !
କି ମଧୁ ପିଆସା
ତାର ମନ ତଳେ ବସିନ !

—୭—

ଭାଙ୍ଗି ପଡ଼ିବ ତାର ସପନର ସଉଧ ।
ଓଠ ତା' ପଡ଼ିବ ଫିକା ଫୁଟିବନି କଥା ସେ ?
ଲୁହ ଛଳ ଛଳେ ମୋରେ
ଚାହିଁଥିବ ଛଇଳା !
ଚିବୁକୁ ଥିବ ତା' ହୁଅ ନିର୍ମମ ବ୍ୟଥା ସେ
ଜୀବନ କି ସାତ ସ୍ୱପ୍ନ-
ମାନ ହୋଇ ରହିଲ ?

—୮—

ଦୁର୍ଦ୍ଦମ ବିଦ୍ରୋହ ଭୃକୁ ତଳେ ଜାଗଇ,
ପ୍ରତି ଲୁବ୍ଧ ପ୍ରତିବୋଧ ତୃଳେ ହୋଇ ଜଡ଼ିତ,
ସ୍ୱାର୍ଥ କଳୁଷ ଭରା
ମଣିଷର ସୃଷ୍ଟି
ଯୁଗେ ଯୁଗେ ଧରଣୀକି କରୁଛି କି ପୀଡ଼ିତ ?
ଶତ ଅନାଚାର ଭରା
ନିମିଷକେ ଦୃଷ୍ଟି ।

—୯—

ଏ ବିରାଟ ଧରଣୀର ସୀମାହୀନ ଜନତା—
ମୂକ ଅନ୍ତର ବ୍ୟଥା ବୁଝିବାର ପାଇଁକି,
କେହି ନାହିଁ କେହି ନାହିଁ
କେହି ନାହିଁ ଜଣେତ !!!
ଯେଉଁ ବାଟ ଭାଟି ଯିଏ ଚାଲିଥିବ ଯହିଁକି,
ନୀରବେ ସତ୍ତ୍ୱ କିଏ
ଦେଉଁ ଗୃହ କଣେ'ଚ !!

ଦେଇଥାନ୍ତା

କେହତ ଟିକିଏ ମୁହଁକୁ ଚାହିଁଲ ନାହିଁ ?
ଆସିବାର ବେଳେ ଆସିଲ ଅଶ୍ରୁ ବାହି ।
ପଢ଼ିଏ ବଚନ ଟିକିଏ ଚାହାଣୀ ଖାଲି,
ଦେଇଥାନ୍ତା ମୋ ଅନ୍ତରେ ସୁଧା ଢାଳି !

ଆଗକୁ ଚାଲିଲି, ପଛକୁ ଚାହିଁଲି ଫେରି
ସେଇ ବଣବୁଦା, ସେ ନଈ ପାହାଡ଼ ଧାଡ଼ି ।
ସେଇ ସେ ସୌଧ ସେଇ ସେ ବନ୍ଧୁଜନ
ସହାନୁଭୂତିରେ ଆର୍ଦ୍ର ନ ହେଲା କାହାର ଟିକିଏ ମନ !

ବୁକୁ ଚିରି ମୁଁ କି ସେନେହ ନଥିଲି ଦେଇ ?
ମୋ ପାଇଁ କାହିଁ ତ ଝାଳନ୍ତା ଜଣେ କେହି !
ଚିହ୍ନିଲାନି କିଏ ବୁଝିଲାନି କିଏ ମତେ,
ଗମ୍ଭୀର ଦଇନେ ଫେରିଲି ଆପଣା ପଥେ ।

ଝର ଝର ଝର ଲୁହ ଯାଉଥାଏ ଝରି
ବକ୍ଷ ଫଟାଇ କୋହ ଆସୁଥାଏ ଭରି !
ଜଣେ କେହି ମୋର ଗୋଟିଏ ବିନ୍ଦୁ ଲୁହ
ପୋଛି ଦେଇଥିଲେ ମଣିଥାନ୍ତି ମୁଁ ଭାଗ୍ୟବାନ କି ନୁହଁ ?

ପାଷାଣରୁ ବଳି ସଭିଏ ମହନ ହେଲେ
ଆପଣାର ବ୍ୟଥା କହି ଯାଉଥିବା ବେଳେ
କାହାପାଇଁ ମୁଁ ବା କଅଣ ନଥିଲି କରି ?
ଯେତେବେଳେ ମୁହିଁ ପଡ଼ିଗଲି ତଳେ
ଆହୁରି ଚରଣେ ନିଷ୍ଠୁରେ ଦେଲି ଦଳି !

ହୃଦୟର ବ୍ୟଥା ଘନାଇ ଆସିଲା ମମ
ଶ୍ରାବଣ ସଞ୍ଜ କୃଷ୍ଣ ବାଦଲ ସମ
ନିଜ ହାତେ ନିଜେ ଲୁହ ପୋଛି ପୋଛି ଗଲି
ବୁକୁର ବେଦନା ବୁକୁତଳେ ଚୁପି ଧରି ।

ଦେଇ କି ନ ଥିଲି ଅନ୍ତର ଭରି ଦାନ ?
ଢାଳି କି ନଥିଲି ତୁମେ ହିଁ ମୋହର ପ୍ରାଣ ?
ଲୋଡ଼ି କି ନଥିଲି ତୁମ ପାଖେ ଖାଲି ଥାଇ
ଜନକାଳ ମୋର ସବୁରେ ଯାନ୍ତା ପାଇ ?

କେହି ବୁଝିଲନି ପାଲଟିଲ ସୁରୁ ଜଡ଼
କାହାର ଆଖିରେ ମୋପାଇଁ ନଥିଲା ଗୋଟିଏ ବିନ୍ଦୁ ଜଳ ?
କାହା ବୁକୁତଳେ ମୋ ପାଇଁ ନ ଗଲା ଟିକିଏ ଆଘାତ ଲାଗି
ସଭିଙ୍କୁ ଖୁହିଁ କାତର ନୟନେ ଆସିଲି ବିଦାୟ ମାଗି !

ଯାଉଳ ତପନ ପଶ୍ଚିମ ଗିରି ତଳେ
ବୁଡ଼ି ଯାଉଥିଲା ଦୂରେ ଦୂରେ ବହୁଦୂରେ
ଗାଈଆଳ ପିଲା ଅଡ଼ାଇ ତା’ ଧେନୁ ପଲ
କୁଟୀରେ ତାହାର ଫେରୁଥିଲା ଚଞ୍ଚଳ ।

ଏ ସବୁ ଭିତରେ ମୁହିଁ ଆସୁଥିଲି ଫେରି
କେତେ ବରଷର ସ୍ମୃତି ଅନ୍ତରେ ଧରି !
ଏତେ ସ୍ନେହ ଏତେ ସାଧନାର ପରିଣତି
ଏଇଭଳି ହେଲା ତାର ନିଦାରୁଣ ଗତି ?

ଯେଉଁଠି ହୃଦୟ-ସେନେହ ବାଣୀଧ୍ୱନିଲା
ଯେଉଁଠି ପ୍ରାଣର କୋଟି ଅମୃତ କ୍ରୀଡ଼ା
ସପନ ପରିଏ ମରୁ ଚରଜଳ ତହିଁ
ପାରୁନି ପାରୁନି ଏ ମହାବେଦନା ସହି !

ସବୁ ସହି ପାରେ. ସହିବ କେମନେ ଜନ୍ମ
ଅପରିଚିତରୁ ବଳି ପରିଚିତ ହୁଏ ଯେବେ ନିର୍ଦ୍ଦୟ !
ସବୁ ଛାଡ଼ିପାରେ, କଷ୍ଟ ଯେ ଛାଡ଼ିବାରେ
ଯାଇ ମୁଁ ଆଣିଚି ଯାହାରେ ମୋ ଲକ୍ଷ୍ୟ ଧାରେ !

ମଣିଷ ଯେବେ ଏ ମଣିଷର ଛୁରି ତଳେ
ଗୋଳ ହେବାପାଇଁ କୁଣ୍ଠା ପ୍ରକାଶ କରେ,
ମଣିଷରେ ଯେତେ ମଣିଷ ଆଣ୍ଡେଇ ଦଏ,
ମଣିଷର ବ୍ୟଥା ବୁଝିବ ଧରାରେ କିଏ ?

କେହି ତ ଟିକିଏ ମୁହଁକୁ ଚାହିଁଲ ନାହିଁ
ଆସିବାର ବେଳେ ଆସିଲି ଅଶ୍ରୁ ବାହି
ପଦିଏ ବଚନ ଟିକିଏ ଚାହାଣୀ ଖାଲି
ଦେଇଥାନ୍ତା ମୋ ଅନ୍ତରେ ସୁଧା ଢାଳି !

ନିର୍ଯ୍ୟାତିତର ଆତ୍ମବିଳାପ

ଅତ୍ୟାଚାର ଇତିହାସ ଶିରପରେ ବନ୍ଧୁ
ଦିନ ପରେ ଦିନ କେତେ ନେବ ମୁହିଁ ବାନ୍ଧୁ !
ଭାଙ୍ଗିପଡ଼େ ଦେହ ମନ, ଭାଙ୍ଗିପଡ଼େ ମୋର
ଆଶାର ଅଟ୍ଟାଳି ଯାହା ଗଢ଼ିଅଛି କାନ୍ଦି !

ଚତୁର୍ଦ୍ଦିଗେ ଚାହିଁ ଦେଖେ ଢ଼ାଳି ନେତ୍ର ବେନି
ବୁକ ମୋର ଥରିଉଠେ କାହା ଅଭିଶାପେ
ଫେରି ଆସେ ଫେରି ଆସେ ବ୍ୟର୍ଥ ଅନ୍ତରେ
ବୁକୁ ତଳେ ସବୁ ବ୍ୟଥା ଲୁଚି ଆପେ ଆପେ !

ଲାଗେ ନାହିଁ ଭଲ ମତେ ନିଖିଳ ଧରିତ୍ରୀ
ଯେତେ ଯାହା ସୀମାହୀନ ମୋହନ ସଂସାର
ଫୁଲ ଫୁଟେ ବାଆ ବହେ ସୂର୍ଯ୍ୟ ଆସେ ହସି
ବୁଣି ଦେଇ ସୁବର୍ଣ୍ଣର ରେଣୁ [illegible] ।

ବାତ୍ୟା ପରେ ବାତ୍ୟା ଖାଲି ଯାଏ ବହି ବହି
ଛିନ୍ନ ଭିନ୍ନ କରି ଯେତେ ମୋ ପତ୍ରର ଡାଳ
ଦେଖେ ମୁହିଁ ଜୀବନଟା ରହିଅଛି ରହି
ଯେତେ କେହିଁ ଶୂନ୍ୟସ୍ଥ ପ୍ରେତର କଙ୍କାଳ !

ମଣିଷ ମୁଁ ଆସିଥିଲି ମର୍ତ୍ତ୍ୟ ଧରଣୀରେ
ଏଇଭଳି ହନ୍ତସନ୍ତ ହେବ ବୋଲି କବେ ?
ଆସିଥିଲି ଚନ୍ଦନ ରହିବାକୁ ବୃନ୍ତ
ଦେହର ଅବସାଦଭରା ତପ୍ତ ଲୁହମାନେ !

ଆସିଥିଲି ଆସିଥିଲି ଆସିଥିଲି କବେ
ପଦାଘାତ ପରେ ଶତ ପଦାଘାତ ଲଭି
ପୃଥିବୀ ଅତଳ ତଳେ ଦୂରେ ଦୂରେ କାହିଁ
ଚିହ୍ନ ବର୍ଣ୍ଣ ଲେପ୍ୟ କରି ଯିବାପାଇଁ ଦବି !

ମଣିଷ ମୁଁ ମଣିଷ ମୁଁ ଆସିଥିଲି କବେ
ଏ ମାଟିର ସୀମାସ୍ଥାନ ବଢାଇବେ ସ୍ୱହିଁ
କାହିଁରେ ନ ଦେଇ ହାତ ଜଡ଼ ପଙ୍କୁ ପରି
କେଉଁ ଅନ୍ତେ ଯିବାପାଇଁ ମାରବେ ହୁଙ୍କାଇ !

ଆସିଥିଲି ସତେ କବେ ମର୍ତ୍ତ୍ୟ ବିଶ୍ୱ ଭରି
ଅନନ୍ତ ପ୍ରାଣର ମଧୁ ନାଁଇଁ ଚୁଷିବାରେ
ଖାଲି ବର୍ଷି ରହିବାକୁ ପଳେ ପଳେ ମରି
କାଟି ହୋଇ କେଉଁ ଶୂନ୍ୟ ତୀକ୍ଷ୍ଣ ଖୁର ଧାରେ !

ଆସିଥିଲି ରୂପ ଯୌବନ ସ୍ୱଷା ଯୌବନ କବେ
ପ୍ରାଣହୀନ ପରି ଖାଲି ରହିବାର ପାଇଁ
ଆସିଥିଲି ଦେଖିବାକୁ ସୁପ୍ରସନ୍ନ ମୋର
ମୋ ବୁଲିବା ପଥେ କିଏ ରଖିଛୁ ସଜାଇ !

ମୋ ବୀଣା ରହିଲା ଯେବେ ଚିରଦିନ ମୂକ
ନ ଫୁଟିଲା, ନ ଫୁଟିଲା ଲଭେ ହେଲେ ସ୍ୱର
ମୋ ଆକାଶ ହେଲା ଯେବେ ମେଘାଚ୍ଛନ୍ନ ନିତ
ଆଲୋକ ପ୍ରବାହେ ନାହିଁ ଦିଶିଲା ସ୍ୱପ୍ନର୍ !

ମୋର ବାଞ୍ଛା ବଗିଚାରେ ଫୁଲଟିଏ ଯେବେ
ନଫୁଟି ରହିଲା ତାହା ମହା ମରୁ ପରି
ମୋର କ୍ଷୁଦ୍ର ସରୋବରେ ରାଜହଂସ ଯେବେ
ଦିନକ ପାଇଁକି ହେଲେ ନ ଆସିଲା ଚରି,

ମୋର ରାଜପଥ ଯେବେ ନ ହେଲା ନହେଲା
ଆନନ୍ଦର କୋଳାହଳେ ନିତ୍ୟ ମୁଖରୁ
ମୋ ଲତାଟି ତଳେ ଯେବେ ପଡ଼ି ପଡ଼ି ଗଲା
ତରୁ ଶିରେ ଉଠି ନାହିଁ ପାରିଲା ମୂକର !

ସମସ୍ତ ସାଧନା ମୋର ସମସ୍ତ ଆକାଂକ୍ଷା
ଚୂରମାର ହେଲା ଯେବେ ଦିନ ଦିନ ଧରି
ଏତେ ସ୍ୱପ୍ନ ଏତେ କରି ଏକଇ ନିମେଷ
ପାରିଲିନି ଯେବେ ମୁହିଁ ବାରେ ସ୍ପର୍ଶ କରି—

ଜୀବନର ଯେ ବାଞ୍ଛିତ ନିଧି ଥିଲା ମୋର—
କେମନ୍ତେ କହିବ ନାହିଁ କୋଟି ଅଶ୍ରୁ ଢାଳି
ଏଇ ମାଟି ଏ ଆକାଶ ନୁହେଁ ମୋହ ପାଇଁ
ମୁଁ କେହ୍ନେ ଆସିଚି ମୋର ଦେଶ କାହିଁ ଛାଡ଼ି !

ସତେ କବେ ଏଇ ମାଟି ନୁହେଁ ମୋର ଘର
ନୁହେଁ ମୋର ଆପଣାର ଏ ପଥ ପ୍ରାନ୍ତର
ସନ୍ଦେ କରେ ଜୀବନର ପଲକେ ପଲକେ
କେ ମୋତେ ଡାକୁଛି ଏଥୁ ହୃଦୟ ଅନ୍ତର !

ନାସ୍ତିକା କୁଞ୍ଚନ ଭରି ମହା ଅବଜ୍ଞାରେ
କେ ମୋତେ ରଖିଛି ଦୂରେ ଆବର୍ଜନା ପରି
ଲୁହ ମୁଁ ନଜାଣ ଖାଲି ଜାଣୁଛି ରକତ
ଶର ବିଦ୍ଧ ବିହଗର ଆର୍ତ୍ତନାଦ ସରି !

ହରାଇଛି ବିଶ୍ୱାସ ମୁଁ, ହରାଇଛି ଆଜି
ସକଳ ସାହସ ଆଶା ଭରସା ମୋହର
ନୁହେଁ ମୁହିଁ ଏ ମାଟିର ମୁଁ ଯେ ଅନ୍ୟ ଜୀବ
କକ୍ଷଚ୍ୟୁତ ହୋଇ ଏଥି ପଡ଼ିଛି ମାତର !

ମୋ ଦେହ ନୁହଇ ଦେହ, ମୋର ସୁଖ ଦୁଃଖ—
ନୁହେଁ ସୁଖ ଦୁଃଖ ଖାଲି ମହା ଅବାନ୍ତର
ମୋ ଶୋଣିତ ପ୍ରତି ବିନ୍ଦୁ ଭିତରେ ଭିତରେ—
ଯେହେତୁ ନାହିଁ ଜୀବନର ରେଣୁ ମାତ୍ର ଝର !

ନିର୍ଜନ ମୁଁ ନିର୍ଜନ, ମୁଁ ଅତିହିଁ ନିର୍ଜନ,
ନାଇ ମୋ ଏଥିରେ ପ୍ରାଣ ଭଗ୍ନ ଗହବର
କାଳ ଜାଲ ଧରି ମୁଁ ଯେ ସମସ୍ତ ମୁହୂର୍ତ୍ତ
କରୁଣର ବୁଦ୍‌ବୁଦର ଏଥି ଅନୁଭବ !

କଥା କହ କଥା କହ ମତେ କଥା କହ
କେ କହିବ କଥା ତତେ କିଏ ଅଛୁ ତୋର ?
ଦୂର ପ୍ରତିଧ୍ୱନି ପରି ପିଟି ହୋଇଯାଏ
କାନେ ମୋର ତାଳି କିବା ଅବସାଦ ଘୋର ?

ଛୁଅଁ ମୋରେ ଛୁଅଁ ମୋରେ କେ ଛୁଇଁବ ତତେ
ମହାଶୂନ୍ୟ ଆସିଯାଏ ନିର୍ମମ ଉତ୍ତର
ବସିଯାଏ ଏକା ମାରି ମୁହିଁ ଯେସନ୍ତେ ଅବା
କେଉଁ ରାଜପଥ ଧାରେ ଅକାମୀ ପଥର !

ଆସ ମୋ ପାଖକୁ ଲଭେ ଶୁଣିଯାଅ ମୋର
ଜୀବନର ମର୍ମନ୍ତୁଦ ଇତିହାସ ଗୋଟି
ତୋର ପୁଣି ଇତିହାସ ? ଅଟ୍ଟହାସ କରି
କିଏ ଚାଲି ଯାଏ ନାଇଁ ପୁଚ୍ଛ କଥା ଦୋଟି !

ଟିକେ ହେଲେ ରହିଯାଅ ପାଖେ ଦେଇ ମୋର
କେ ଯାଉଚ ପଥଶ୍ରାନ୍ତ ରହ ଦଣ୍ଡେ ରହ
କେ କମା ରହିବ ? ମୁହିଁ ଶୁଣି ପାରେ ନା କି ?
ଲାଗେ କେମନ୍ତେ ଏ ଜୀବନ ଅତୀବ ଦୁର୍ବହ ।

କାକୁତି ମିନତି କରି ବଂଚ ରହିବାଠୁ
ନରକ ଯନ୍ତ୍ରଣା ଭାଙ୍ଗି ଅଛୁ କରେ ବଡ଼ ?
ଯେଉଁ ବର୍ଷି ରକ୍ତବାରେ ଯାଏରେ ଦୋହଲି
ମୁହୂର୍ତ୍ତି ମୁହୂର୍ତ୍ତି ଧଡ଼୍ ଏଇ ବୁକୁ ତଳ !!

ମଣିଷଠୁ ବଳି କିଏ ଅଛିରେ ସୁନ୍ଦର ?
ନିଖିଳ ଏ ଧରଣୀର ଚରାଚର ଧରି
ମଣିଷଠୁ ବଳି କିଏ ଅଛି ବଳୀୟାର
ପ୍ରାଣଦ ଏ ଧରଣୀକୁ ଋଦ୍ଧିମନ୍ତ କରି ?

ମଣିଷଠୁ ବଳି କିଏ ଶ୍ରେଷ୍ଠ ବିପୁଳ
ଦିଶି ଦିଶି ପାଦପରେ ଶତ ଶୋଭା ଢାଳି
ମଣିଷଠୁ ବଳି କିଏ ଅଛି ପ୍ରାଣବାନ
ବେଦନାରେ ଆନନ୍ଦର ମାୟା ଦେବ ବାଢ଼ି !

ମଣିଷକୁ ଛାଡ଼ି ଦେଲେ ସମସ୍ତ ଏ ମାଟି
ନୁହେଁ କରେ ପ୍ରାଣହୀନ ଅର୍ଥହୀନ ଖାଲି
ମଣିଷହିଁ ଚତୁର୍ଦ୍ଦିଗେ ଦେଇଛିରେ ସ୍ୱାର
ଶତ ଶତ ସ୍ୱର୍ଣ୍ଣଶିଖା ଅଜାଡ଼ରେ ଛାଡ଼ି !

କାହିଁ ସେ ମଣିଷ କାହିଁ ପ୍ରାଣର ମଣିଷ ?
ଲୁହସିକ୍ତ ନୟନେ ମୁଁ ରହିଅଛି ଚାହିଁ
ତା'ଟିକକ ପରଶେ ମୁଁ ହୃଦନ୍ତରେ ଯାଇ
ପାଷାଣୀ ଅହଲ୍ୟା ପରି ଜୀବନ୍ୟାସ ପାଇ !

ଯାଆନ୍ତାନ ମୋର ମନ ହୃଦନ୍ତରେ ଫୁଟି
ଅଶୋକ ସ୍ତବକ ପରି ନବ ବସନ୍ତର
କେତେ ନବ ଉନ୍ମାଦନା ସାହସ ଉତ୍ସାହ—
ଭିତରେ ମୁଁ ଦିଶୁଆନ୍ତି ନୟୂତ ସ୍ୱପ୍ନର !

ଦେଖା

ସେ ଚାଲିଲା, ମୁଁ ଚାଲିଲି, ପଥପ୍ରାନ୍ତେ ନିମିଷକ ଦେଖା !
ସେଇ ଶୁଷ୍କ ମଳିନ ବଦନ, ସେଇ ତା'ର ବିଦଗ୍ଧ ଅନ୍ତର
ଛାଡ଼ିଗଲା ମୋ ମନ ତଳେ ଲେଖା !
ପଚାରିଲି କେମିତି ଚାଲିଛ ! ଭଲ ଅଛୁ ?
ଲୁହେ ଆଖି ଛଳ ଛଳ କରେ —
ଜୀବନର ଚିତ୍ର ଇତିହାସ କହିଗଲା ଗୋଟିଏ ନିଶ୍ୱାସେ
ଯହିଁରୁ ବେଦନା ଖାଲି, ଅନନ୍ତ ବେଦନା !
ପଡ଼ୁଥିଲା ଝର ଝର ଝରେ ! !

ସୀମାହୀନ ଅଭାବ ଓ ଅଭିଯୋଗ ଧରି
ତାର କ୍ଷୁଦ୍ର ଜୀବନଟି ହେଉଅଛି ଖାଲି ଛଳଛଳ !
ଟିକିଏ ଶାନ୍ତି, ଟିକିଏ ଆନନ୍ଦଛଇ—
ହେବା ପାଇଁ ହେଲେ ମନେ ତାର ଟଳ ଟଳ
ତାʼ ସାରା ଜୀବନ ଧରି ଆସୁଛି ସେ ଖୋଜି,
କିନ୍ତୁ ସବୁ ବ୍ୟର୍ଥ, ସବୁ ଆଶା ଚୂରମାର
ଯେହ୍ନେ ନିରନ୍ତର !!

ଏହି ମହା ଧରଣୀର ଜଟିଳ ସଂଗ୍ରାମେ
ସେ ଯେ ପଙ୍ଗୁ, ପରାଜିତ, ସେʼ ଯେ ସାଥିହରା !
ରହି ଅଛି ଚିରଦିନ ହୋଇ ଦରମରା !
ଯୋହାର ହୋଇ କେତେ ଦିନ ! କି ସଂପଦ ଲାଗି ?
ବାହିନେବ ତାʼ ଜୀବନ ତରୀ !
ଜୀବନ ! ଜୀବନ ! ଆହା ମଣିଷ ଜୀବନ !
ଟିକିଏ ନ ପାଇ ମେଠା
କେମନ୍ତେ ସେ ସୀମାହୀନ ଛଳଛଳେ ଯାଏ ମରି ମରି !!!
ସେ ବୁଲିଲା ମୁଁ ବୁଲିଲି ପଥପ୍ରାନ୍ତେ ନିମିଷକ ଦେଖା !
ମୁଁ ଦେଖୁଛି ସିଏ କେଉଁ ମହା ସାଗରର—
ଜଳଳ କଳା ଢେଉର ଅତଳ ତଳେ ଯାଉଅଛି ବୁଡ଼ି !
ସେ ଦେଖୁଛି ଅନନ୍ତ ସଂସାର—
ତାʼ ଆଖିରେ ଅଶ୍ରୁପୂର୍ଣ୍ଣ ମହାଶୂନ୍ୟ ପୁରି !!!

ରହିବି ସହି

ତାହାର ଯେବେ କେହୁ ଧରଣୀ ତଳେ ନାହିଁ
ରହିବ ରହିବ ମୁଁ ତାହାରେ ନିତ ସହି ।
ଆଖିରୁ ପୋଛୁ ଦେବ ହସ୍ତ ଲୁହଟିକ
କହିବ ତା'ରେ ବାଣୀ ମଧୁର ସମଧିକ !
ଶୁଷ୍କ ଓଠେ ତାର ବୋଲିବ ହସଟିଏ
ଧରଣୀ ତଳେ ସେକ ମୋହର ନୁହେଁ କିଏ ?
ଗଭୀରୁ ଗଭୀର ତା' ବୁକୁର ବେଦନାରେ
ମର ସେ ଯାଉନ କି ଅଶ୍ରୁ ହାହାକାରେ !
ତାହାର ନାହିଁ ସଖା ତାହାର ନାହିଁ ସାଥି
ତାହାର ପାଇଁ କିଏ ଦେଉନ ଟୋପେ ଲୁହ !
ହଠୁନ ପଲ୍ଲବ ତାହାର ବୁକୁତଳ
କ୍ଷୀଣରୁ କ୍ଷୀଣ ହୋଇ ମରୁଛ ପଳ ପଳ !
ତାହାର ଯେବେ କେହୁ ଧରଣୀ ତଳେ ନାହିଁ
ରହିବ ରହିବ ମୁଁ ତାହାରେ ନିତ ସହିଁ !

ପଡ଼ିଚ ପଥେ ଯେତୁ ଅସୀମ ନାରଖାରେ
ତାହାରେ ଛାଡ଼ି ମୁହିଁ କୁଆଡେ ଯାଇପାରେ ?
ତୃଷ୍ଣାଭରା ଆଖି ଢାଳି ଯେ ଅଛୁ ବନ୍ଧୁ
ଛୁଟି ଦଳତାରେ କଉଳ ଯିବ କାହିଁ ?
ସେ ଧନ ଝଡ଼ଲତେ କି ଅଛୁ ଲୋଡ଼ା ଜନ୍ମ ?
ଯେଉଁଠି ବନ୍ଧୁ ମତେ କାନ୍ଦେ ଅସହାୟ !
ମଣିଷଟିଏ ମୁଁ ଯେ ମଣିଷ ପାଇଁ ଗଢ଼ା
ମଣିଷପାଇଁ ଦେବି ସ୍ନେହନେହ ବୁକୁଭରା !
ମୋହର ହସଖେଳ, ତାହାର ହସଖେଳେ
ତାହାର ଗୌରବେ ମୋ ବୁକୁ ଉଦ୍‌ବେଳେ !
ତାହାର ଯେବେ କେହୁ ଧରଣୀ ତଳେ ନାହିଁ
ରହିବ ରହିବ ମୁଁ ତାହାରେ ଜଡ଼ ବନ୍ଧୁ ।

କେଉଁ ଅନ୍ଧାରେ ଚାଲ ବାହି ତୁମ ତରଣୀ !

ଯେଉଁଠାରେ ନାହିଁ ହୃଦ୍ ବ୍ୟଥା ଦେଇ ଟିକଏ
ଇମିତ ଚାଇକ କଏ କାହିଁ ଅଛ ଦେଖିଛେ ?
କଥାକେ କଥାକେ ଖାଲି ଚାଲ ବାଜି ଖେଲଇ
ଜଣକୁ ଜଣେ ଯେ ଜଗି ଜଗି ଖାଲି ଚଳାନ୍ତି :

ଜଣେ ଯେବେ ହସି ହୃଦୟର କଥା କହଇ
ଆନ ଜଣେ ଖାଲି ଗମ୍ଭୀର ହୋଇ ରହଇ !
ସେନେହ ସୋହାଗ ମଧୁ ଆଳାପନ ଭିତରେ
ଛୁରି ଧରି ଜଣେ ଚୋଟି କାଟି ସ୍ୱଲେ ସତରେ ।

ସତ କହିବାକୁ କା'ର ଛାତି ନାହିଁ ପଡାଏ
ମିଛ କହିବାକୁ ଜଣେ ଯେ ଜଣକୁ ବତାଏ
ମିଛରେ ଭଣ୍ଡି ଯେ ଯାରେ ପାରିଲା ମାରି ହେ
ସେ ପୁଣି ସବୁଠୁ ପାରିବାର ଅଟେ ଚାର ହେ ।

ହଟ ହଟା କରି ଆନଙ୍କୁ ପାରିବା ଡବାଇ
ଝିନର ବିପଦେ ହସି ବାହାଦୁରି ନବାହିଁ —
ପୌରୁଷ ବୋଲି ଗର୍ବେ ଯେ ଗ୍ରନ୍ଥ ଝେଲଇ
ସିଏ ପୁଣି ସ୍ୱାର ମଣିଷ ଦୁନିଆ ଲେଖଇ ! !

ଆଜ ଯିଏ ତୁମ ବନ୍ଧୁ ପଡ଼ଶା ଭାଇ ହେ
କାଲି ବ’ ଗୋଇଠା ଦେଲଣି ତାହାକୁ ଥୋଇ ହେ
ପରବନ ଡାକୁ ପଥ ଭିକ୍ଷୁକ କଲଣି
ଜୀବନ ଧରି ଯା ବଞ୍ଚି ରହୁଚ, ମଜାନ ?

ସୀମାହୀନ କେତେ ଜୀବନର ଢେଉ ଖେଳଇ
ସ୍ୱର୍ଗ ଦେଲେ ଉଠଲେ ଅନ୍ତର କେତେ ପୂରଇ ?
ଏ ମହାଲୀଳାରେ ଅଶ୍ଳେଷ ଦେଇ ନିସ୍ୱତ
ଭୁଲିବାକୁ ତୁମ ଇଚ୍ଛା ହେଉନ କିସ୍ୱତ ?

ଅନ୍ତର ଭରି ଦୁନିଆକୁ ଭଲ ପାଇବା
ଦୁନିଆ ଓଠରେ ହସର ଜୁଆର ବାହିବା
ଏକି ନୁହେଁ ତୁମ ଜୀବନର ମଧୁ ସରଣୀ ?
କେଉଁ ଅନ୍ଧାରେ ଭୁଲୁ ବାହୁ ତୁମ ତରଣୀ ?

ଦେଉ ସେ ଯେତେ ବାଧା ଦବ !

—୧—

ଜୀବନେ ଯେତେବାର ଲୋଡ଼ିଲି ଠିଆ ହେବ
ଧରଣୀ ବାଧା ଦେଲା ମତେ
ପଡ଼ିଛି କେତେ ବାର ଛୁଡ଼ିଛି ଦେହ ସାରା
ତଥାପି ଚଳିଛି ମୋ ପଥେ
ଆଘାତ ପ୍ରତିଘାତ ସହିଛି ବହୁବାର
ନୟନୁ ଝରିଅଛି ଅଶ୍ରୁ ଧାର ଧାର
ଜାଗିଛି କେତେ କୋହ ଏ ବୁକୁ ତଳେ ମମ
କେ ଜାଣି ପାରିବ ବା ସତେ ?
ଜୀବନେ ଯେତେବାର ଲୋଡ଼ିଲି ଠିଆ ହେବ
ଧରଣୀ ବାଧା ଦେଲା ମତେ !

—୨—

ସବୁରି ନୟନେ ମୁଁ ହେଲି ଅପଦାର୍ଥ
ଅଟଇଁ ଦୀନହୀନ ପ୍ରାଣୀ,
ମୋତେ କେ ଦେଇ ନାହିଁ ସେନେହ ସମ୍ମାନ
କହିନି ପଦେ ମଧୁବାଣୀ
ଯହିଁ ମୁଁ ଠିଆ ହୁଏ ଧରଣୀ ଟଳି ଯାଏ
ସେନେହ ଗଉରବ କାହିଁ ବା ଦେବ କଏ ?
ଆଖିର ଲୁହ ମୋର ଆଖିରେ ମରି ଯାଉ
ବିତାଏ ମୋର ଦିବା ଯାମୀ
ସବୁରି ନୟନେ ମୁଁ ହେଲି ଅପଦାର୍ଥ
ଅଟଇଁ ଦୀନ ହୀନ ପ୍ରାଣୀ !

—୩—

ଅଭାବ ଭିତରେ ମୁଁ ନିଭୃତ ଗଢ଼ କରେ
ନୁହେଁ ମୁଁ ଧନଶାଳୀ ଜନ
ଶବୁର ବିଦ୍ରୂପ ସହେ ମୁଁ ସହିପାରେ
ମଉନେ ମାରି ଦେଇ ମନ
ଯେଉଁଠି ରହିଅଛି ଅଭାବ ଅନାଟନ
ସେଇଠି ଧରଣୀର କାହିଁକି ନିପୀଡ଼ନ ?
ଶ୍ରେଷ୍ଠରୁ ଶ୍ରେଷ୍ଠ କରି ସେଇଠି ମଣିଷକୁ—
ମଣିଷ ଦେଖେ ଅନୁକ୍ଷଣ
ଅଭାବ ଭିତରେ ମୁଁ ନିଭୃତ ଗଢ଼ କରେ
ନୁହେଁ ମୁଁ ଧନଶାଳୀ ଜନ;

—୪—

ଧରଣୀ ମୋ ବେଦନା ନ ବୁଝୁ ଲବେ ହେଲେ
ଦେଉ ସେ ବାଧା ଯେତେ ଦବ
ଉଠି ମୁଁ ନାଇଁପାରେ, ଉଠିବା ପାଇଁ ପ୍ରାଣେ
କିନ୍ତୁ ସେ ଆଶା ଅଭିନବ,
ଆସିବ ଦିନ, ଦିନେ ଫୁଟିବ ଫୁଲକଳି!
ଗନ୍ଧ ଯିବ ତାର ସମୀରେ ସଂଚରି,
ପଥର ଚିରକାଳ ପଥର ନାଇଁ ଥାଏ
ଦିନେ ତା' ଫୁଟେ ଗଉରବ
ଧରଣୀ ମୋ ବେଦନା ନ ବୁଝୁ ଲବେ ହେଲେ
ଦେଉ ସେ ଯେତେ ବାଧା ଦବ !

ଫେରିଅଛୁ

ଏ ଜୀବନ ଯେତେ ବଡ଼
ତାହାଠୁ ଯନ୍ତ୍ରଣ ବଡ଼
ଜୀବନର ସ୍ୱାତନ୍ତ୍ର୍ୟ ଟିକକ
ସେଇ ଟିକ ହଜି ଗଲେ
ସେଥିରେ ଆସିଲେ ଆଞ୍ଚ
ସାରା ଜୀବନଟା ଯେହ୍ନେଁ
ଅସହ୍ୟ ବେଦନା ଭରା ଗୋଟାଏ ନରକ !
ଚରଦନ ଯେହ୍ନେ ଖାଲି
ବଞ୍ଚି ରହିବାକୁ ଫୁଁଏ
ପ୍ରାଣସ୍ପନ ସ୍ୱପ୍ନସ୍ପନ
ମହା-ମରୁ ଦ୍ରୁମ
ଗଢରେ ଥିଢରେ ହାସ୍ୟ
ଜାଗେନା ଜାଗେନା ଲହଁଡ଼
ସ୍ୱାଟ ବୋଲା ମଧୁ ଉନ୍ମାଦନା !

ଫେରି ଅଛ ବନ୍ଧୁ ମୋର !
ସେ.ଟିଳ ସମ୍ପଦ ଧରି,
ପଦାଘାତ କରି ସବୁ—
ଅନାସ୍ଥର ପରେ !
ଜୀବନ ବୀଣାରେ ତୁମେ
ପାରତ ମୂର୍ଚ୍ଛନା ତାଳ
ତୁଟିଚ ପ୍ରାଣର ମୂଲ୍ୟ
ଏ ଧରଣୀ ପରେ ।
ତୁମେ ନୁହଁ ମୁହଁ ନୁହେଁ
ନୁହେଁ କେହୁ
କାହା ପରେ କରିବ ଜୁଲମ
ସଭିଙ୍କି ଏ ମାଟି ପରେ
ବଞ୍ଚିବାକୁ ହେବ ସଖା ।
ପରସ୍ପରେ ଦେଇ ଦେଇ
ସେନେହ ଓ ସମ୍ମାନ ପରମ !

ଫେରିଅଛ ବନ୍ଧୁ ମୋର !
ଫେରିଅଛ
ମରଣ ଭିତରୁ ଧରି
ଜୀବନର ସ୍ୱର୍ଣ୍ଣ କଣାଟିକ
ତୁମର ଏ ପ୍ରାଣ ଭରା—
ଅଭିମାନ
ଲଗେ ମୋରେ
ଅଧିକୁ ଅଧିକ !!

— ଏକ —

ଗରିବ-କୁଟୀର

“ପୂଜାଛୁଟି ହୋଇଯିବ ଦଅହେବ ଆଗରୁ ଇସ୍କୁଲ ଦରମା
ନ ଦେଲେ ତ କଟିଯିବ ନାଆଁ
ନାଁ ପୁଣି ଲେଖାହେଲେ ପଡ଼ିବ ଅଧିକା ଫିସ୍
କେଁହେଲେ ଫିସ୍‌ଟାକୁ କରିବେନି କ୍ଷମା
ସେତ ଆମ ଇସ୍କୁଲ ନିୟମ
ବାପା ! ଏତେ ଖବୃତ ଜାଣମ୍ ?”
“ଆରେ ବାପ ଏବେ ପର୍ବ ଦେଇଥିବି
ମୋ ପାଖରେ ନାହିଁ ଆଉ ଜମା ପଇସାଏ !
ହସା ! ହସା ! ଖଡୁ ହଳ ପାଦୁକାଟିଂଦେଅ ମତେ ଦିଅ
ଜାହ୍ନାପାଖେ ଥୋଇଦେଇ
ଆଣିବ ଦ' ଟଙ୍କା ହେଲେ,
ଯାଏଁ ବେଗି ଯାଏଁ”
କାନ୍ଦ କାନ୍ଦ ହୋଇ କହେ ହସା
“ନେବ ମୋର ଖଡୁହଳ?

ତା'ଙ୍କୁ ନ ମିଳବନ ?
ଏ ଗାଆଁରେ ଏ ସାଇରେ
କେହି କଣ ନାହାନ୍ତି ଆମର ?
ଘର ଛଣ ଖଙ୍କି ଆମେ ଖୁଲସିବା ଏଠୁ
ପାରିବାନି ଘୁଙ୍କି ଟଙ୍କା ଦୁଇ ?
ଆମେ କଣ ଏତେ ପର ?
ଗରିବ ବୋଲି କି ଆମେ
ଦେଇଅଛୁ ବିଶ୍ୱାସ ହରାଇ ?"

"ନାହିଁ ଉଷା ! ତୁମେ କହୁ ବୃଥା ନାହିଁ କଥା ?
ଆମର କି ଅଛି ଜମିବାଡ଼ି ?
ଆମର କି ଅଛି ଲୋ ଖୁକଶି ?
ଅଛି କଲେ ବ୍ୟବସାୟ କିଛି ?
କି ସମ୍ପଦ ଦେଖି, ବା ଆମର
ଲୋକେ ଦେବେ ଧାର ବା ଉଧାର !
ଲାଗିଲେ ଖାଇବା ଆମେ
ନଇଲେ ରହିବା ଆମେ
ଖାଲି ଉପବାସ
ଗରିବର ନାହିଁ ବନ୍ଧୁ
ନାହିଁ ପ୍ରିୟ ନାହିଁ ଆପଣାର
ଗରିବକୁ ଡାକି କିଏ
ପୁଚ୍ଛେ ନାହିଁ ପଦେ ମଧୁସ୍ୱର !"

ଶିଖିଲା ଲଗାଇ ଘଷା କାଢୁଅଛି
ଗୋଡ ଖଣ୍ଡୁ ତା'ର
ନେତ୍ର ପ୍ରାନ୍ତୁ ବହୁଅଛି
ଲୁହ ଧାର ଧାର

"ହେଉ ହେଉ
ଧନ ମୋର ପଢ଼ୁ ପାଠ
ଦରମାଟି ଠିକ୍ ବେଳେ ଦେଉ
ସେ ଆସିଲେ ପାଣ୍‌କର
ଲକ୍ଷେ ଟଙ୍କା ମୋର ଅଟେ ସେଇ !!"

ଶ୍ୟାମ ବନ୍ଧୁ ବୁଲୁଚନ୍ତି ସାଇ ସାଇ ଖଡ଼ୁହୁଲେ ଧରି
ବନ୍ଧା ରଖି ହେଲେ ଦିଅ କିଏ ଟଙ୍କା ଦୁଇ ;
କେ କହୁଚ "ଢ଼'ଟଙ୍କାର ନୁହେ ସେ ଜିନିଷ
ହେଲେ ଆମେ ଟଙ୍କେ ଦେଇ ପାରୁ"
କେ କହୁଚ 'ରସ ଖଡ଼ୁ ହୁଲେ
ବନ୍ଧା ରଖିବାକୁ—
ଭଲ ଲାଗୁନି ଜମାରୁ !'
କିଏ ସେ ଦୋକାନୀ ଜଣେ ତଉଲୁଚ—
ବଦନ ହଲାଇ
କହୁଚ ଈଷତ୍ ହସି
ରଖିବ ଏହାକୁ କିଏ
ଦୁଇଟଙ୍କା ପାଇଁ ?
କରୁଣ ନୟନ କରି ଅଶ୍ରୁ ଛଳ ଛଳ
ଶ୍ୟାମ ବନ୍ଧୁ ଫେରୁଚନ୍ତି ଘର !
କପାଳେ ବାଡ଼ୁଚ ଖରା "
ଗମ ଗମ ବୋହୁଅଛୁ ଝାଳ,
ଗୋଡ଼ ଦୁଇ ଧୂଳି ସର ସର,
ବଡ଼ କଷ୍ଟ ବଡ଼ ବାଧା !
ପିଲାଟିକୁ ଆଉ କାହିଁ ପାରିବ ପଢ଼ାଇ
ଭାବୁଚନ୍ତି ମର୍ମଗତେ,

ଢନଗାଇ ବୁଲି ବୁଲି ମାଠରେ ଖୋଜି ଖାଇଁ
ଘରେ ଯାଇ ପହଞ୍ଚିଲେ
ପ୍ରିୟା ତାଙ୍କ ଖରଡ଼ୁଚ ଶାଗ
“ନାଇଁ ଭଷା ! ମିଳିଲାନି ଟଙ୍କା ଦୁଇ
ଅସିଲି ମୁଁ ବୁଲି ସାଇଯାକ”
“ମିଳିଲାନି ?
ହଉ ତେବେ ପାଦ ଧୁଅ
ଆଗ ଖାଇ ବସ
କରିଚ ମାଣ୍ଡିଆ ଜାଉ
ବେଳତ ଗଲାଣି ନଡ଼ି
କରୁଥିବ କେତେ ସ୍ୱେଦ ଶୋଷ ! !”

“ଖାଇ ବସିବାକୁ ଭଷା ! ଇଚ୍ଛା ହୁଏ ନାଇଁ ।
ଗୋଟିଏ ବୋଲି ମୋ ପିଲା
ରହିବ ସେ ପଢ଼ା ଛାଡ଼ି ଦେଇ ?
ଦ' ଅକ୍ଷର ପଢ଼ିଥାନ୍ତା
ହୋଇଥାନ୍ତା ମଣିଷ ଗୋଟିଏ
କେତେ ଆଶା କରିଥିଲି
ସବୁ ହୋଇଯିବ ଚୂରମାର ?
ପିଲାଟି ପଢ଼ୁଚି ଭଲ
କହୁଥିଲେ ମାଷ୍ଟର ତାହାର !
ଏ ଦେହର ପ୍ରତି ବିନ୍ଦୁ ରକ୍ତ ଦେଇ
ଆମେ ଭଷା ! ଗଢ଼ିଟେ ତାହାରେ
ତା' ଓଠରୁ ହସ ଯେବେ ଶୁଖିଯିବ
ମରିଯିବ ଯେବେ ତାର
ସୁନେଲି କଳ୍ପନା ସବୁ
କେମନ୍ତେ ବଞ୍ଚିବା କହ ଧରି ଏ ଜୀବନ ?

ଫୁଟି ଥିବା କୁସୁମରେ
କେମନ୍ତେ ସେ ବୃନ୍ତଚ୍ୟୁତ କରି
ପାଦରେ ମକଚ ଦେବା ?
ଉନ୍ନତ ଯେ କରିବାକୁ
ଗନ୍ଧ ବିକୀରଣ !!
ଛୁଟେ ଝରଣାଟି ଯହିଁ
କୁଳୁ କୁଳୁ କଳତାନ କରି
ନିଘଂ କେତେ
ବଲ ବଣ ଶିଳା
ରୁନ୍ଧିତ ସେ ଦବସ ଶବଷ
କେମନ୍ତେ ତା ' କଳ ତାନ ମାରିବା କହତ ?
ବକ୍ଷେ ବହି ମଣିଷ ରକତ !"

କାହିଁକି କାହିଁକି କହ
ଦରିଦ୍ର ଉପରେ
ଚିରଦିନ ଅତ୍ୟାଚାର ଅନାଚାର
ପୀଡ଼ନ ପେଷଣ ?
କାହିଁକି କାହିଁକି ସତେ
ସମାଜରେ ଦରିଦ୍ରର ସ୍ଥାନ ଅକିଞ୍ଚନ !
କାହିଁକି କାହିଁକି ସତେ
ଦରିଦ୍ରର ନେତ୍ର ପ୍ରାନ୍ତୁ
ବହୁଥିବ ଉଷ୍ଣ ଅଶ୍ରୁ ଧାର ?
କାହିଁକି କାହିଁକି ସତେ
ପଥ ପ୍ରାନ୍ତେ ବୃଦ୍ଧ ଜଣେ
ସୀମାହୀନ ଅଭାବରେ
ହୋଇ ଆତ୍ମହରା
ଦରିଦ୍ର ପିଞ୍ଜରୁ ଯିବ

ପ୍ରାଣବାୟୁ ସ୍ୱଳ୍ପ ?
ଇନ୍ଦ୍ରର ଧନ ନାହିଁ
ମାନ ନାହିଁ
ସ୍ଥାନ କେମା ନାହିଁ ?
ତା ଅନ୍ତର କନ୍ଦ କମା
ଯିବ ମରି ମରି
ତା' ଜୀବନ ରହିଥିବ କମା
ମଳିନ ବିଶୁଷ୍କ ହୋଇ
ମରୁଭୂମି କଣ୍ଟାଗଛ ପରି ?"

"ଏ ସକଳ ପ୍ରଶ୍ନ ଆଜି
ମୋ ବୁକୁରେ
ଜାଳୁଅଛୁ ବିଦ୍ରୋହର ନିଆଁ
ମୁଁ ତ ହୋଇ ଯାଉନି ଗ୍ଲାନଥା ।
ଦାରିଦ୍ର୍ୟର କଷାଘାତେ
କଣେ ଲୋଟିବ ପୃଥିବୀର କେଉଁ ପ୍ରାନ୍ତେ
ହୁଏ କଲବଲ,
ଛୁଟିବାକୁ ହେବ ଉଷା !
ପୃଥିବୀ କରୁଚି ନିଷ୍ଠେ
ନୂଆବେଶ, ଡକାସୂଢ
ଲୁଚି ଲୁଚି ଛପି ଛପି କାନ୍ଦି !
ସ୍ୱଳ୍ପ ସ୍ୱଳ୍ପ ହିଏ
ସତ୍ୟର ସୁବର୍ଣ୍ଣ ରଥେ
ନିର୍ଭୀକ ନିର୍ମଳ କରି
ତା'ର ବୁକୁତଳ !!!"

"ଏଇ ମୋ ପିଲାଟି ଦେଖ
କେମନ୍ତେ ରହିଚ ସ୍ତବ୍ଧ
ନିଘଣ ନୟନେ !
କାଲେ ସିଏ ଆଜିଠଉଁ
ପାଶବନ୍ଧ ପଢ଼ି ।"
ପ୍ରିୟତମ ! ଆଉ ନାହିଁ କିଛୁ
ଅଛୁ ଏଇ ଭଙ୍ଗାଦଣ୍ଡି
ଯତ୍ନରେ ରହିଚ ଟିକେ
ଖଣ୍ଡି ସୁନା ଜସ୍ତପୁଣି
ନାଥ ଯାକୁ ବିକି ଦିଅ ନିର୍ବିଘ୍ନରେ
ଯାହା ଏଇ ଘର ଖଣ୍ଡ,
ବିକା ଦେଇ ବାଡ଼ି
ପଢ଼ୁ ପାଠ ମୋର ଧନମାଳି
ପାଠ ପଢ଼ି ଯୋଗ୍ୟ ହୋଇ
ହସି ଖେଳି ରହିଲେ ପିଲାଟି
ସେ ଅମର କୋଟିନିଧି,
ସେ ଆମ ସୁନାର ସ୍ୱର୍ଗ,
କାହିଁକି ଖାଲୁଛ ଆଉ
ଖାଇ ବସ ଗଡ଼ିଲିଣି ବେଳ !"

"ହଷା ! ହଷା ! ଦେଖି ଏଇ—
ପୃଥିବୀର କ୍ରୂର ଜୁଆଖେଳ
ମୋର ପ୍ରତି ରକ୍ତ ବିନ୍ଦୁ
ଉଠୁଚି ଉତ୍ତପ୍ତ ହୋଇ
ଲକ୍ଷ ଲକ୍ଷ ପୁତ୍ର-କନ୍ୟା ନରନାରୀ

ଡପନ୍ନ ଯେଉଁଠି,
କେମନ୍ତେ ରହିବ
ମୂର୍ତ୍ତି ସ୍ଥିର ହୋଇ ତହିଁ ?...”

—ଦୁଇ—

“ସୀମାହୀନ ପୁରପଲ୍ଲୀ ଚତୁର୍ଦ୍ଦିଗେ ଘୁଞ୍ଚି ଦେଲେ ଉଷା !
ମୁଣ୍ଡ ମୋର ଯାଏଲେ ଘୁରାଇ
ଦୀନ ଦୁଃସ୍ଥ ରୁଗ୍ଣ ପଙ୍‌କ୍ତି କେ ଚାହିଁ ଅଛନ୍ତି ପଡ଼ି
ଦେଖେ କଲବଲେ ଦନ ନଅନ୍ତ ପୁହାଇ !
ଟସ୍ର ଜନାଟିକେ କଏ ପାଉ ନାହିଁ ହେବାକୁ ଘୋଡ଼ାଇ.
କା’ ଅନ୍ନ ଯାଇଚ ଶୁଖି ନ ଖାଇ ନ ପିଇ
ତୁଣ୍ଡରୁ କା’ କଥା ପଦେ ବାହାରୁ ତ ନାହିଁ !
ପ୍ରାଣତୃଷ୍ଣ ହସଟିକେ କା’ ଓଠରେ ହେଉନାହିଁ—
ଲବେ ଢଳ ଢଳ
ସ୍ୱଳ୍ପଲେ କେ’ ପାରୁନାହିଁ ସିଧା ଓ ସଳଖେ
ଆପାଦ ମସ୍ତକ ତା’ର ହୁଏ ଟଳ ଟଳ !
ଚୂଡ଼ୁଚ ତାହାର କଫ ପେଲୁଅଛୁ ଧଇଁ
କା’ ବକ୍ଷରେ ଫୁଙ୍କା ଫୁଙ୍କା ଛଡ଼
ତ୍ୟକ୍ତ ଆବର୍ଜନା ପରି
ସମାଜର ହୃଦୀଦର ବନ୍ଧୁ, ପଡ଼ିଚ ସେ ରହୁ !

ନବ ଯଉବନ ଛଇ ପ୍ରଣ୍ଡ ଅଙ୍ଗେ ବନ୍ଧୁ
ଯେ କଶୋରୀ, ବଧୂ ଆଜ
ପ୍ରିୟ ଭୁଲେ ତା’ର ରଚୁଥାନ୍ତା କେଳି

ବଳିତା ପଶୁଏ ତାର ପ୍ରତି ଅଙ୍ଗ
ଯାଉଅଛୁ ଶୁଖି !
ପର୍ଯ୍ୟୁଷିତ ଫୁଲ ପରି ପଡ଼ିଚ ମେଞ୍ଚାଟି ହୋଇ
ଜର ଶୋଗ, ଜାଣ ତାରେ ରହିଅଛୁ ବେଢ଼ି !"

"ଏଇ ଦେଖ ! ହଷା !
ଏଇ ଯେ ପିଲାଟି କା'ର
ଦୋକାନକୁ ଯାଉଅଛୁ ଆଣିବାକୁ ମାଲପା ଟିକଏ
ଦ' ପାହୁଣ୍ଡ ସ୍ଥୂଳ ପୁଣି ଟିକଏ ଦସ୍ତୁର
ଫୁଙ୍କିଦେଲେ ଉଡ଼ିଯିବ ସିଏ !
ଅଇଁଠା ଗଦାରେ ବସି
ବରାଡ଼ କୁକ୍କୁର ପରି
ଟିକି ଟିକି ପିଲାଛୁଆ କା'ର
ଭାଗ ଟୁଙ୍କି ଖାଉଚନ୍ତି,
ଦୁଃସହ ଦୁର୍ଗନ୍ଧ ଲାଗେ
ଦେଖିବାକୁ ହତଭାଗ୍ୟ ମଣିଷ ସଂସାର !
ଗୁମ୍ଫି ଗୁମ୍ଫି ଘର ସବୁ
ପବନ ଓ ଆଲୋକର
ନାହିଁ ଗତାଗତ
ତା' ଭିତରେ ଜନ୍ତୁ ପରି
ମୋହର ମଣିଷ ଭାଇଭଉଣୀ ଶତେକି
କେଡ଼େ ନାରଖାରେ ସତେ
ନାହାନ୍ତି ସେ ରହି ।
ଈଶ୍ୱରର କଷାଘାତେ
ନିସ୍‌ପେଷିତ ହୋଇ ଅବିରତ !

ମଣିଷ ଭିତରେ
କେତେ କଣ ଅତୁଳ ସମ୍ପଦ ରହୁନାହିଁ !!!
କେହି ହେଲେ ଏ ମାଟିରେ ଜଣେ ବୁଝୁନାହିଁ !!
ଫଟାଇ ଏ ଆକାଶ ଅବନୀ
ମର୍ମଭେଦୀ ଶିଳ୍ପୀର ଚିତ୍କାର କରି
ବସୁଧର ଅନନ୍ତ ଅନ୍ଧାରେ
ସେ ଫୁଟନ୍ତ ଫୁଲକଢ଼ି ଯିବ ଝଡ଼ି ଝଡ଼ି
ତା' ଆଙ୍ଗୁର ରଙ୍ଗ
ଜା' ବୁକେ କମ୍ପନ
ଯାହା ନାହିଁ ଲଭେ ସୃଷ୍ଟି କରି !"

— ତିନି —

"ଅରେ ବସି ଚନ୍ଦ୍ରାକର ଦ୍ରଷ୍ଟା !
ଆମ ଗାଁ କୃଷକଆ ଯାଇଅଛି ମରି
ତା' ପାଇଁ କାହାର ନେତ୍ର,
ଲୁହଟିଏ ଯାଉନାହିଁ ଝରି !
ତା ପାଇଁ ଅନ୍ତର କା'ର ହୁଏ ନାହିଁ ବ୍ୟଥିତ ବିକଳ
ସେ ଯେହ୍ନେ ଧରଣୀ ପରେ
କାଠ ବା ପାଷାଣ ପରି ନିର୍ଜୀବ ଅନ୍ତର !
ଜଳୁଚି ତା' ଚିତାନଳ ଶମଶାନେ ସ୍ୱର୍ଣ୍ଣଶିଖା ମେଲି
କାହା ଅନୁଭବେ ସେହୁ ଆସେନାହିଁ ଲକ୍ଷ ହେଲେ ଫେରି !
ଦରିଦ୍ର ସେ, ଅଜ୍ଞାନୀ ସେ, ଦୁର୍ଗତ ସିଏ
ଚିରଦିନ ବେଦନାର ସାଥି
ବଞ୍ଚିଛି ସେ ଖାନଦାନ୍ ଘରେ
ବୁଲୁନି ସେ ରାଜପଥେ ଫୁଲାଇ ଛାତି !

ପିନ୍ଧିଥାଏ କଳାକନା ଧରିଥାଏ ବାଡ଼ି ଖଣ୍ଡେ ।”
ବୁଲୁଥାଏ ଦ୍ୱାରେ ଦ୍ୱାରେ
ଭିକ ଗଣ୍ଡେ ମାଗି ଆଣି ଶମେ ତା' ଉଦରଜ୍ୱାଳା
ଧରଣୀରେ ଆପଣାର ନାହିଁ ଭାର କେହୁ !”

“ତା'ର କଣ ଭଲ ଗୁଣ ନାହିଁ ଥିଲା କିଛୁ ?
ଥିଲା ତାର ଥିଲା !
ଚିହ୍ନୁଥିଲା ଚେରମୂଳ ଔଷଧ ପାଇଁ
ଆଣୁଥିଲା ଖୋଜି ଖୋଜି ବଣ ବୁଦାଶିଳା !
ମଧୁକଣ୍ଠୁ ଫେଇ ସେହୁ ଗାଉଥିଲା —
ବସନ୍ତ ରସର ଗୀତ
ଚଇତାଳି ରାତି ବସି ଗାଁ ମଣ୍ଡପରେ
କେତେ ଲୋକ ଏ ଗାଆଁର ଶୁଣୁଥିଲେ କାନପାରି
କି ଅମୃତ କଣ୍ଠ ସିଏ ପାଇଥିଲା ବିଧାତାଙ୍କ ବରେ !
ଦରିଦ୍ର କୁଡ଼ିଆଟିରେ ବେଳେ ବେଳେ ବସି
କିଛି ପିଲାଙ୍କର ମନ ବିନୋଦନ ପାଇଁ
ସୁନ୍ଦର ଖେଳନା କେତେ ତିଆରି କରିଛି,
ଦୁ' ପଇସା ପାଏ ତହୁଁ ।
ପିଲେ ଆଜି ସେ ଖେଳନା ପାଇବେ ତ ନାହିଁ !
ପୃଥିବୀକୁ କରିନାହିଁ କେତେ କଥା ଦାନ
ଆଜି ସେହୁ ସ୍ଥାନମାନେ ଯାଉଅଛୁ ମରି
କାହା ନେତ୍ର ପ୍ରାନ୍ତୁ ହାଇ !
ତାହାଲାଗି ଲୁହଟିଏ ଯାଉନାହିଁ ଝରି !
କିସୁନଥା ଏ ଦେଶର ନୁହେଁ ମନ୍ତ୍ରୀ ନୁହେଁ ବାଚସ୍ପତି !
କିସୁନଥା ନୁହେଁ ଏ ଦେଶର ଜ୍ଞାନୀ ବା ପଣ୍ଡିତ !
ତାହାଠାରେ ନାହିଁ ଥାଇପାରେ ପ୍ରଚୁର ଶକତ !

କୁସୁନିଆ ନୁହେଁ ଏ ଦେଶର ହାଟ ପଦଗାର—
ରାଜ ଧର୍ମସ୍ଥଳ
କୁସୁନିଆ ଚଢ଼ିନ ଜାଦନେ
ମଟର ବା ଏରୋପ୍ଲେନ ଗାଡ଼ି
କୁସୁନିଆ କୁସୁନିଆ ଖାଲି
ସେଇ ଝାଟିମାଟି କୁଟୀରର ନିଧନ ସନ୍ତାନ !
କୁସୁନିଆ କୁସୁନିଆ ଖାଲି—
ତା' ଅନ୍ତର ଯେତେ ଟିକେ ମଧୁ
ତା' ଦରିଦ୍ର ପଲ୍ଲୀଗାଁ ବକ୍ଷଭରି ଦେଇଅଛି ଢାଳି !
କୁସୁନିଆ ଏଇ ମହାପୃଥିବୀର ଗୋଟିଏ ଦରିଦ୍ରଜାତ
ପୃଥିବୀର ଇତିହାସେ ନାହିଁ ପାଇ ପାରେ ସ୍ଥାନ
କିନ୍ତୁ ଚିରଦିନ ମନେ ପଡ଼ୁଥିବ ନିଜ
ଦାରିଦ୍ର୍ୟ ଭିତରେ ସଢ଼ି
କେମନ୍ତେ ସେ ଗାଉଥିଲା ମଧୁଭରା ଗାନ !
ଚେରମୂଳ ଅଉଷଧ ଚିହ୍ନିଥିଣି
କେମନ୍ତେ ବଞ୍ଚାଉଥିଲା ଶତ ନିଃସ୍ୱ ପ୍ରାଣ !
ଟିକି ଟିକି ପିଲାଙ୍କର ଓଠେ
କେମନ୍ତେ ଫୁଟାଉଥିଲା ଅସରନ୍ତି ହାସ
ଜାହା'କୁ ସେ କେତେ ଦିନେ
ଖେଳନା ଯେ ଦେଉଥିଲା
ପୁନିଅ ପରବ ଦିନେ ହେଲେ ନାଟ ଯାତ !"

"କୁସୁନିଆ ସେଇ ଝାଟିମାଟି କୁଟୀରର
ନିଧନ ସନ୍ତାନ
କି ନିଠୁର ସ୍ୱପ୍ନମାନେ
ଆର ପାରେ ଯାଇଅଛି ଚାଲି '

କାହାର ଦଶନ କ୍ଷତ
ସୀମାହୀନ ଜନତାର ଆର୍ତ୍ତ ହା'ହାକାର
ପଦତଳେ ଦଳି
ବଡ଼ ହେବାପାଇଁ ସ୍ୱପ୍ନ ବଳାଇନ ମଠ !
ସବୁରି ଲାଂଛନା ତାଡ଼ନା ସହି
ସହି ଶତ ଉପବାସ ଜାଳା
ଦୁନିଆରେ ମେଲିଥିଲା ତା ଦରିଦ୍ର ଜୀବନର ଧାରା
ପୃଥିବୀ କରିଚି ତାରେ ତୀବ୍ର ଉପହାସ
କୁକ୍କୁର ବିରାଡ଼ିଠାରୁ ହୀନକରି ଦେଖିଅଛୁ ତାରେ
ସେ କାହାକୁ ତୁଚ୍ଛକରି ଦେଖିନାହିଁ ବାରେ !

"କହରେ ଜଗନ୍ତୁ କହ !
ମଣିଷକୁ ମାପିବାକୁ ହେଲେ
ମାପିବାକୁ ହେବ ତାର ଧନଗର୍ବ ଜ୍ଞାନଗର୍ବ
ଅଭିଜାତ୍ୟ ଗର୍ବ ନେଇ ସତେ ?
ସୀମାହୀନ ଦାରିଦ୍ର୍ୟର
କାଳିଆ କୋତରି ଛିଣ୍ଡା କନା ତଳେ ତଳେ
ଅମୃତର ଯେ ଜୀବନ ନିତ୍ୟ ମୂର୍ଚ୍ଛନାରେ
ସେ କି ନୁହେଁ ଧରଣୀର ଜୀବନ୍ତ ଗୌରବ ?
ତା' ଭିତରୁ ଫୁଟେ ଯେଉଁ ମୋହନ ସୌରଭ—
ସେ କି ନୁହେଁ ସବଳର ଆଦରର ଧନ ?
ଆଡମ୍ବର, ଅହମିକା, କ୍ଷମତାର ସିଂହାସନ ଯହିଁ
ସେଇଠି କେବଳଥାଏ ମଣିଷ ଜୀବନ ?"

"ଆମ ଗାଁ କୁସୁନିଆ ଯାଇଅଛୁ ମରି
ତା' ପାଇଁ ଗୋଟିଏ ଅଶ୍ରୁ
କାହା ନେତ୍ରୁ ଯାଇ ନାହିଁ ଝରି !"

—ଚାରି—

ସ୍ୱଜନ ଉପବାସ ପଶିନାହିଁ ମୁଖେ ଅନ୍ନଜଳ
କେତେ କଣ୍ଠା ଅଛି ଟାଳି, ନାହିଁ ଲଭେ ତେଜ ସାମର୍ଥ୍ୟବଳ
ଚିତ୍କାର କରିଆଜନା, ଶୁଳ୍‌ପୁ ପଥପ୍ରାନ୍ତେ ସଏ—
ମଣିଷର ବହୁଦୂରେ । ଉଠୁନାହିଁ ପ୍ରଶ୍ନ ସେଏ କଏ ?
କାନ୍ଦା ମୁଖେ ଧରଣୀର ।
ଥିଲେ ତା'ର ଧନ ଜନ ବାପମାଆ ଭାଇ
ଦେଖି ତା' ଏପରି ଦଶା ତା'ରେ କେହି ପଚାରନ୍ତେ ନାହିଁ ?
ଏ ପୃଥିବୀ ସମସ୍ତ ମଣିଷ ତା'ର ସଙ୍ଗେ ନୁହନ୍ତି କି କେହି
ରକ୍ତର ବନ୍ଧନ କଣ ଏମାନଙ୍କ ରୂଟେ ତାର ନାହିଁ ?
ରକ୍ତ ! ରକ୍ତ ! ମଣିଷର ନାଲିରକ୍ତ ତା'ର ପ୍ରତି
ଶିରା ପ୍ରଶିରାରେ
କେମନ୍ତେ ଶୀତଳ ହୋଇ କାନ୍ଦୁଅଛି ଦେଖୁନ କେ'ବାରେ
ସ୍ପର୍ଶା ତା'ରେ ସ୍ପର୍ଶ ଲଭେ ତା' ରକ୍ତର ପ୍ରତି ବିନ୍ଦୁ ଟିକ
ଆମକୁ କହୁଛି ବାଣୀ, ଶୁଣିବେ ବଧିର ହୋଇ—
ଆମେ ସମ୍ବନ୍ଧିକ !
ଯେତେ ଦିନ ଯାଏ ରକ୍ତର ବନ୍ଧନ ସକଳର ତୁଟିଲେ
କଣନାହିଁ ଆମେ ଅନୁଭବ
ସେତେ ଦିନଯାଏ ଆମର ଯେ ଆନନ୍ଦ ସଂସାର
ଆମ ପାଇଁ ନିଷ୍ଫଳ ନୀରବ !

—ପାଞ୍ଚ—

ଏ ମଣିଷ ମଣିଷକୁ ଯେଉଁଠାରେ
ଦେଖେ କ୍ଷୁଦ୍ର କରି
ନରକର ଦୃଶ୍ୟପୀଠ ସେଇଠାରେ
କାହିଁ ଅବତର ?

ସେଇଠାରେ ମଣିଷର ମହାଦୃଷ୍ଟି
ହୋଇନକ ହଳାହଳମୟ ?
ସେଇଠାରେ ମନୁଷ୍ୟତ୍ୱ ଆପେ ଆପେ
ପାଇନକ କ୍ଲାନ୍ତ ପରାଜୟ !
ସେଇଠାରେ ଅନ୍ଧକାର ରହିନ କି ?
ବେଢ଼ି ଦଗଦଗନ୍ତର ଭର
ପ୍ରଭାତର ସ୍ୱର୍ଣ୍ଣ ରବ
ସେ ଭୂମିର ଦଗ୍‌ବଳୟ ତୀରେ
ଯାଇନ କ ମର ?

ଆମର ଆମର ମଧ୍ୟେ
ଆମେ ଯେବେ ପରସ୍ପର
କରୁ ପ୍ରତାରଣା
ଆମ ଆମ ମଧ୍ୟେ ଯେବେ
ଅବିଶ୍ୱାସ ସନ୍ଦେହର
ବିଷାକ୍ତ ଝରଣା—
ହୁଏ ନିତ୍ୟ ପ୍ରବାହିତ
ଆମର ଉତ୍ଥାନ କାହିଁ ?
କାହିଁ ସମୁଜ୍ଜ୍ୱଳ ଅଭ୍ୟୁଦୟ
ଆମେ ଯେହେତୁ ଜାଣି ଜାଣି
ଗଢ଼ୁଛେ ଆମର ଦେଶେ ଶୋଷଣ ନିରୟ !

—ଛଅ—

ହଷା ! ହଷା ! ଏ ମଣିଷ
ଟିକଏ ଖିଳନ୍ତା ହେଲେ—
ସକଳର ଆନନ୍ଦର ଲୀଳାଭୂମି
ଏଇ ଆମ ମାଟି

ଏଥି ଆସ ଆମେ ସମସ୍ତେ ଚାଲିବା
ହୋଇ ହାତ ଧରା ଧରି
ହେଇ ପରସ୍ପରର ସାଥି !

ଆମେ ସମସ୍ତେ ଏ ମାଟିରେ
ସାଧନାର ରଙ୍ଗ ଦେଇ
ଚାଲିଚେ ଚାଲିବା
ଆମେ କର୍ପା ପରସ୍ପରେ
ହାଣିବା ମାରିବା ?

ଆମଠାରେ କା' ଭିତରେ
କ ସମ୍ପଦ ନାହିଁ !
କେକ ସମ୍ପଦ ନୁହେଁ ଜଣକର
ସେ ଯେ ମହା ଅସୀମର ପାଇଁ !

ଆମର ଏ ମାଟି ପରେ
ସ୍ୱର୍ଗନରକ ସୃଜ
ଆମେ କର୍ପା ଚାଲିଥିବା
ଦିନ ଦିନ ଧରି
ଆମ ଚକ୍ଷୁଁ ବନ୍ଦ କଏ
ନିର୍ବୋଧ ଓ ବୋକା
ନାହିଁ ପାରେ କଳି

ଆମେ ନିଜର ସାଥି
ସାଇ ପଡ଼ିଶାର ସାଥି
ଅସୀମ ଏ ଦୁନିଆର ସାଥି
ସବୁରଙ୍କି ପ୍ରେମ କରୁଣା ଦେବାକୁ

ଆମେ ଗଢ଼ିଚୁ
ଆମର ଗ୍ରନ୍ଥ
ଏଇ ବଣୀ ଅନ୍ତରେ ଅନୁଭବ
ଆମେ ଚାଲିବୁ ଚିରକାଳ
ତା'ପରେ ଦେଖିବୁ ଆମେ
ଆମର ମାଟିରେ କେତେ
ଫୁଟୁଅଛି
ଜୀବନର ମଧୁର ସଂସାର !!

—ସାତ—

ହାଇରେ ପିଲଟି ମୋର !
ରହିଅଛୁ କେତେ ସ୍ୱପ୍ନମାନେ !
ଲୁହ ଚୋଖ
ଛଳଛଳ ହୋଇ ଆସେ
ଅନ୍ତରର ଅନନ୍ତ ପୀଡ଼ନେ !
ଭୁଲିଥିବୁ
ମୋର କେତେ
ସଖା ସାଥି
କେତେ ଭାବେ
ପଢ଼ୁଥିବେ
ସୌଭାଗ୍ୟର କୋଳେ
ଚଳ ଚଳ
ମୋହଭଲ
ନଥାନ୍ତିକି
ଜୀବନର
ମଧୁଛିବ

ଯେତେ ଯତ୍ନଁ
ଥରେ ଅଶା ଭଳି !

ଲୁହ ଛଳ ଛଳ ନେତ୍ରେ
ମଣେ ସେ
ସ୍ୱର୍ଗ ନେତେ !
ଫାଲ୍ଗୁନାଇଁ
ଆଜ୍ଞ କହୁ କଥା !
ପୃଥ୍ୱୀରେ ଫୁଟିବାକୁ
ଭାଙ୍ଗା ଛିଟା ନୁହେଁ ଭଙ୍ଗ ?
ସେଇଟିକ
ନ ଘଟିଲେ
ମରଣରୁ ବଳି ନେତ୍ରେ
ମାଡ଼ିଅସେ ବ୍ୟଥା ?
ଫୁଟିବାକୁ
ଛନ୍ଦାବନ୍ଧା ଭରେ
ଝଳଟିକ
ଦେବାପାଇଁ
ଅସୀମରେ ଢାଳି
କି ମଧୁ ଆକାଂକ୍ଷା ଜାଗେ
ସବୁଜ ଅନ୍ତରେ
ଏ ସୃଷ୍ଟିର ଆଦିକାଳୁ
ଅଜାଡାଏଁ ଧର
ସେ ଲାଗି ପିଲାଟି ଆହା !
କେମନ୍ତେ ସ୍ୱର୍ଗ ମଣେ
ପ୍ରତି ଲୁହବିନ୍ଦୁ ତାର

ଯେତେଣ୍ଡୁ ଯାଏ କହୁ
ମୋତେ ତୁମେ
ଫୁଟିବାରୁ କରନ ବଞ୍ଚିତ !
ମୋ ଭିତରୁ ଫୁଟିବ ଯା
ସେ ଯେ ମହା ଅସୀମର ପାଇଁ !

ହସା ! ହସା ! ବନେ ଦ୍ରୁ କୁଟୀର ତଳେ
କେତେ ଫୁଲ ଫୁଟି ଥାନ୍ତା
ଫୁଟିପାରେ ନାହିଁ
ଏ ସବୁ କ ସ୍ବଳ୍ପଥିବ
ଛନ୍ଦଜାଲ ପାଇଁ ?
ଘଟେବ କୁଟୀର ଅନ୍ଧା ଗଢେବ କୁଟୀର !
ବନ ବନ ଧର ଝରଣରେ
ନେତ୍ରୁ ତାର ଅସରନ୍ତ ନୀର !!!

ହେ ମୋର ମଣିଷ !

ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟ ତର
ହେ ମୋର ମଣିଷ ! ହେ ମୋର ମଣିଷ ! ହୃଦ ନିର୍ମଳ କର !
ଅମୃତମୟ କର ତୋ ବକ୍ଷ ଅମୃତ ଦିଅ ଭରି
ସନ୍ତାନ ନୋହୁ ଚାଲୁଚୁ କୁଆଡେ ମହା ସଏତାନ ପନ୍ଥୀ !
ସରଗ ଗଢ଼ିବା ଶକ୍ତି ତୋ' ହାତେ
ନରକ ଗଢ଼ି ତୁ ଚାଲୁଚୁ କି ବାଟେ ?
ଧଂସିବେ ତୋହର ସରଳ ମଂତ୍ରିତ କି ମହାଭୟଙ୍କର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟ ତର !

ସ୍ୱଚ୍ଛ ହୃଦ ତୁ ଶୁଦ୍ଧ ହୃଦ ତୁ ମଣି କାଞ୍ଚନ ପରି !
ସିଂହପରି ତୁ ଚାଲ୍ ତୋର ବାଟେ ଗହ୍ୱରବ ବାନା ଧରି,
ତୋର ତେଜେ ହସୁ ଗଗନ ପବନ ନଚିଲ ଧରଣୀତଳ
ଖେଳୁ ତରଙ୍ଗରେ ନବ ଉଲ୍ଲାସେ ଜୀବନର କଳରୋଳ !
ତୁ ଯେ ବୀରହସ୍ତାଂ ଅଙ୍ଗାର ପରାଏ
ଅପଥେ କି ଭଲ ଚାଲିଅଛୁ ହାସ୍ୟେ !
ଶମଶାନ ପରି ତୋ ମାଟି କାନ୍ଦେ କରି କି ଆର୍ତ୍ତସ୍ୱର !
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର ।

ଶତ ଶତାବ୍ଦର ଚରଣ ଚିହ୍ନ ହୃଦୟେ ବହୁନ ତଟେ ?
ବୀର ବୀର୍ଯ୍ୟର ସାଧନା ବାଜୁନ କର୍ଣ୍ଣ କୁହର ପଥେ ?
ତୋ ପାଇଁ କେ କେତେ ଗ୍ଲାନି ସବୁ ମାଥା ଦେଇଛି ଆତ୍ମବଳି
ଅନ୍ତର ତଳେ ସ୍ପନ୍ଦନ ତୋର ଜାଗୁନାଇଁ କେଉଁ ଭଳି ?
ଏ ଯେ ମାଟି ତୋର ଅଛ ଆପଣାର
ତା' ଲାଗି ଝରୁନ ତୋର ଲୁହଧାର ?
ନିଜ ପାଇଁ ନିଜେ ଗୁଳନ୍ତୁ ଏ ମାଟି ଦଳି ପଦତଳେ ତୋର
ସବୁ ଗରଳରୁ ମଣିଷ ଗରଳ ଅଛି ଉତ୍କଟତର !

ସତ୍ୟ ନ୍ୟାୟର ଶୁଭ୍ର କିରଣେ କପାଳେ ନ ଫିଟେ ଝଲି
ଶତ କୂଟ ଜାଲ ଷଡଯନ୍ତ୍ର ଯେ ଉଠେ ଖାଲି ପ୍ରତିଫଳି,
ଲୋଭନାକୁ ତୋର ଫୁଟଇ ନିସ୍ପୃତ ଭଣ୍ଡ କପଟବାଣୀ
ଶିଖିଚୁ କଉଳ ଜାଲପାଠ ଖାଲି ବର୍ତ୍ତିବୁ ମାରଅଣି,
ସ୍ୱାର୍ଥାନ୍ଧ ହୃଦୟର ଏ କି ଭାରବାର ?
ପାଲଟିଚୁ ରୁଦ୍ର କେଡ଼େ ଜାନୁସ୍ତାର !
ଜାଗ୍ରତ ହୃଦ ଉନ୍ମଥିତ ହୃଦ ଦୃଢ଼ ସଂକଳ୍ପ ଧର
ସବୁ ଗରଳରୁ ମଣିଷ ଗରଳ ଅଛି ଉତ୍କଟତର ।

ତୋହର ମାଟିର କେତେ ମହାତ୍ମା ସାଧକ ସନ୍ଥଜନ !
ବିଶ୍ୱପାଇଁ କି ଭୁକ୍ତକାଟି କଲେ ଅମୃତ ବିତରଣ
ତାହାର ଦାୟାଦ ହୋଇ ବୃନ୍ଦତଳେ ସେ ମହା ଶୋଣିତ ଧର
ଉର୍ଦ୍ଧ୍ୱେ ତୋହର ନୟନ ପଡ଼ୁନ ନିମ୍ନେ ଯାଉଛୁ ଚଳି
ବରଷ ଭିତରୁ ଜନ୍ମ ତୋହର
ବରଷ ଭିତରେ ଅଛି ଗଢ଼ଣର,
ବାଜିବ ତୋହର ଅନ୍ତର ବୀଣା ଭୁଲନାଇ ଚରାଚର
ସବୁ ଗରଳରୁ ମଣିଷ ଗରଳ ଅଛି ଉତ୍କଟତର ।

ସ୍ଥାନାନ୍ତର

କବି, ଖଲ୍ଲିକୋଟ ହା: ଇ: ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତତ୍ରତ୍ୟ ପ୍ରଧାନ ଶିକ୍ଷକ ଗୋଟିଏ ନୋଟିସ ଜାରି କଲେ ଯେ, ଯେଉଁ ଛାତ୍ରମାନେ ସ୍କୁଲକୁ ସକାଳ ବେଳା ଆସି ଉପରବେଳା ଅନୁପସ୍ଥିତ—ଶିକ୍ଷକମାନେ ସେମାନଙ୍କର ସମ୍ପୂର୍ଣ୍ଣ ଦିନ ଅନୁପସ୍ଥିତ ବୋଲି ହାଜରରେ ଲେଖିବେ—କବି ତାହା ଅବୈଧ ବୋଲି ପ୍ରତିବାଦ କଲେ—ତା'ର ଫଳସ୍ୱରୂପ ପ୍ରଧାନ ଶିକ୍ଷକଙ୍କ ଗୁପ୍ତ ଚିଠି ବଳରେ କବିଙ୍କୁ ସତର୍କବାଣୀ ଆସିଲା ଏବଂ ପରେ ପରେ ଗୋଟିଏ ଅପ୍ରଶସ୍ତ ସ୍ଥାନକୁ ସ୍ଥାନାନ୍ତର କରାହେଲା—

ପ୍ରକାଶକ

ହେଲା ମୋର ସ୍ଥାନାନ୍ତର ଦୂରଦେଶେ ଦୂର ପଥେ
ଏ ଆସର ଯେତେ ସନ୍ଧ୍ୟା ଛାଡ଼ିବାକୁ ହେବ ମତେ !
ରହିବାକୁ ହେବନାହିଁ ଗୋଟିଏ ମୁହୂର୍ତ୍ତ ହେଲେ
କହିବାକୁ ହେବନାହିଁ କଥା ପଦେ ବନ୍ଧୁ ମେଳେ !
ବୁଲିଯିବା ପାଇଁ ହେବ ଯେଉଁଠି ସାଙ୍ଗେ ସାଙ୍ଗେ ଆଜ
ମୂର୍ଖ ଯେଉଁଠି ସଏତାନ, ଦୁଷ୍ଟ ବଦମାସ ପାଜି !
ଅଲୋଡ଼ା ମୁଁ ସବୁକର ଯେଉଁଠି [illegible] ଏକାଥାନେ
ଯେଉଁଠି ଜାଣେ ଘୋର ଶଠ ମୁଁ ଏଥି ରହିବା ମାନେ

ସେଦିନ ଆସିଲା ମତେ ଏକ ସାବଧାନ ବାଣୀ
ଦେଖ ତା’ ହୃଦର ମୁହିଁ କହନ ମୁଁ ତା’ର ସ୍ୱାନ
ହେବ ନାହିଁ ସାବଧାନ ଦଅ ମତେ ପ୍ରତ୍ୟୁତ୍ତର
ନିର୍ଦ୍ଦୋଷ ଦୃଷ୍ଟ ପ ମୂର୍ଖ ପାନ୍ଥ ସତ୍ୟ ସାହସର !
ନେଫଷ୍ଟ ନଅ ଏ ରୂପ ଅନ୍ୟାୟ ଆଦେଶ ଗୋଟି
ଯା’ ପ୍ରତି ଅକ୍ଷରେ ମୂର୍ଖ ପଦାଘାତ କରେ କୋଟି !
ଯା ଅନ୍ୟାୟ, ଅନାସ୍ୱାବ, ଯା ଅସତ୍ୟ ଅମଙ୍ଗଳ
କରିଚ ତା’ ପ୍ରତିବାଦ କହୁଥିବ ନିରନ୍ତର !
ସ୍ୱକଷ୍ଟ କରିଚ ବୋଲି ଦାସତ୍ୱ କରନ ଜାଣ
ସ୍ୱକଷ୍ଟ ଦାସତ୍ୱ ମଝେ ଅଛି—ବହୁ ବ୍ୟବଧାନ !
ସ୍ୱକଷ୍ଟ କରିଚ ବୋଲି ମୁଣ୍ଡ ବଙ୍କ ଦେଇନାହିଁ
ଯାହା ତୁମେ କହୁଥିବ, ଖାଲି କରିଯିବା ପାଇଁ
ସ୍ୱୀକାର କରିବା ଅର୍ଥ ନୁହେଁ କେବେ ତରମନ
ରହୁଥିବା କାହା ପାଖେ ଚିରଦିନ କରଯୋଡ଼ି !
ଦେଶର, ଜାତିର ଅବା, ବ୍ୟକ୍ତିର ସ୍ୱୀକାର ଯିଏ
ଅଛି ତା’ର ସ୍ୱତନ୍ତ୍ରତା ଭଲ ମନ୍ଦ ବୁଝି ସିଏ
କରିଯିବ କାମ ତା’ର, ଯାହା ସତ୍ୟ ଶୁଭଙ୍କର
ଏକାନ୍ତ ଯାହାର ନାହିଁ, ଦାସ ହିଏ ଦାସ ଖାଲି
ନିର୍ଭୁଲରୁ ବଳି ସିଏ ଆତୁର ନିର୍ଜ୍ଜନତର !

ହେଲା ମୋର ସ୍ଥାନାନ୍ତର ଦୂରଦେଶେ ଦୂରପଥେ
ଚଳେ ମୋ ପରୁଆ ନାହିଁ ଯିବା ପାଇଁ ହବ ମତେ
ଯେତେ ଯିଏ କହନ୍ତୁ ମୋର କାହିଁକି ବ୍ୟଥିତ ହୁଅ
କାହିଁକି କାନ୍ଦୁଚ ଏତେ ନୟନୁ ବହଇ ଲୁହ !
ତୁମେ ମୋର ଅପଣାର ଚିରଦିନ ଆପଣାର
ତୁମ ସ୍ମୃତି ମୋ ଦରିଦ୍ର ଜୀବନର ଉପହାର !

ସିଂହ ପରି ଆଜି ମୁହିଁ କହୁଚି ତାହାଙ୍କୁ କଥା
ଝମେଷେ ଏ ମାଟି ପରେ ନ ନୁଆଇଁ ମୋର ମଥା
ଜନହୀନ ପ୍ରାନ୍ତେ ମରୁବକ୍ଷେ ରଖ ମତେ
କିମ୍ବା କେଉଁ ଅପନ୍ତ୍ରସ ମହା ଅନ୍ଧକାର ପଥେ
ରଖ ହେ ସମୁଦ୍ର, ଯେସ୍ତ କେଉଁ ଦୂର ଟାପୁପରେ
ରଖ କେଉଁ ପର୍ବତର ବିକଟ ଗହ୍ୱର ତଳେ !
ଦୁର୍ଗମ ଅରଣ୍ୟ ମଧ୍ୟେ ଶ୍ୱାପଦର ଲୀଳାସ୍ଥଳୀ
ତା' ଭିତରେ ରଖ ମତେ ଯେବେ ଇଚ୍ଛା ଅଛି ତବ
ଚତୁର୍ଦ୍ଦିଗେ ମୋର ଶତ୍ରୁ ବାନ୍ଧ ମହାବିପଦର
କେଳେଇ କୁଟେଇ ମତେ ଯାହା ଇଚ୍ଛା ତାହା କର
ସୀମାହୀନ ଅଭାବ ଓ ବିପଦ ଭିତରେ ପଶି
ସାନ୍ତ୍ୱନାମାନ ହୋଇ ଯାଇପାରେ ପଚି ସଢ଼ି
ମୁଁ ଜନ୍ମେ ଜନନୀ ଜଂଘା ଚରଣ ମୋ ଭିତରେ
ମତେ କର ପାଗଳ, ନିଶ୍ଚୟ ଏ ଧରାତଳେ !

୦

କେତେ ବନ୍ଧୁ, କେତେ ଛାତ୍ର ବିଦାୟ ଦେଉଛନ୍ତି ମତେ
ମୋର ଏଇ ସ୍ଥାନାନ୍ତରେ ବ୍ୟଥିତ ହେଉଛନ୍ତି ସଭେ !
ସେହି ସୁଖ ଆଳାପନେ କେତେ ଦିନ କେତେ ରାତି
ପୁହାଇ ଦେଇଚେ ଏଥି ଗ୍ରୁହରେ ମିଶାଇ ଗ୍ରୁହ !
ଭୁଲିବେ ଏ ବଳିବଳ ପାହାଡ଼ ପ୍ରାନ୍ତର ପଥେ
ଦେଖିବେ ଅନନ୍ତ ଶୋଭା, ଆମେ ଏଥି ଅବିରତେ
କଣେ କଣଭର ହୃଦ ସୁଖ ଦୁଃଖ ନ କହିଲେ
ଲଗ୍ନ ତ ନ ଥିଲ ବୋଧ ଏଥି କେବେ ହୃଦେ ତଳେ ।
ଏ ସବୁର ଅଙ୍କ-ସରେ ହୋଇଯିବ ଅବସାନ
ଆଉ ଏତେ ପ୍ରେମ ଭରି ହେବ ନାହିଁ ଏଇଠାନ ?
ଏଥିକି ଭୂମକୁ ଜନ୍ମେ ଅଜ ଏ ବିଦାୟ ବେଳେ
ମେଣ୍ଟ ପରେ ଚଳିବେ ଜୀବନରେ କେବେ ହେଲେ !

ସମୁନ୍ନତ କର ମଥା ଏଥି ଝୁଲିବାକୁ ହବ
ଭୁଲିବାକୁ ହେବନାହିଁ—ଜୀବନର ଗନ୍ତବ୍ୟ!
ବିଦାୟ ଦିଅ ହେ ବନ୍ଧୁ ! ସ୍ଥଳେ କରି ନମସ୍କାର
ମୁଁ ତୁମର ତୁମେ ମୋର ଚିରଦିନ ଆପଣାର

ହେ ମୋର କୁଟୀରବାସିଣି ! ଅଶ୍ରୁ ଭର ଛଳ ଛଳ
ପଚ୍ଛୁଛ କାହିଁ ପାଇଁ ହେବ ମୋର ସ୍ଥାନାନ୍ତର ?
ଯେ ଯହିଁ ରହିଲେ ସୁଖେ ତୁମେହିଁ ପଡ଼ିଲ ଗାଳେ
ରହିବ କେଉଁଠି ଯାଇ ସେ କେଉଁ ଜଙ୍ଗଲମାଳେ !
କଷ୍ଟ ଦୁଃଖ ହେଲେ କିଏ ଦେଖିବାକୁ ନାହିଁ ଥିବ
ଛଟି ଦେଲେ ଯାଇ କେବେ ଦଶଦିନେ ପହଞ୍ଚିବ ।
ପାଙ୍କେ ଥିଲ ଘରପାଖେ ନଈ ଦେଖୁଥିଲ ମୁହିଁ
ତୁମ ଯୋଗୁଁ ଘର ମତେ କି ଅବା ସହର ଭୁଇଁ ।
ତୁମକୁ ଜାଣିଚ ମୁହିଁ, ଟିକେ ଗଲେ ଲଇଁ ସଇଁ
କନ୍ଥା ଷଡ଼ ହେଉଥିବ ନଷ୍ଟିନେ ଆଆନ୍ତୁ ରହି ।
ତୁମେ ତ ଭଲଆ ଲୋକ କେଉଁଠି ଯାଉନ ରହି
ଯେ ଯହିଁ ଦିଅନ୍ତୁ ଡଙ୍କ ତୁମପରେ ସ୍ୱାତ ବହି !

ହେ ମୋର କୁଟିରବାସିଣି ! ବୁଝ ତମେ ବୁଝ ମତେ
କାହାର କରିବ କ୍ଷତି ଜୀବନର ଯାତ୍ରାପଥେ
ନିଜର ସାମାନ୍ୟ ଟିକେ ସୁବିଧା ହାସଲ ପାଇଁ
ଅନ୍ୟ:ସ୍ୱର ପାଖେ ମୁଣ୍ଡ ବିକି ମୁଁ ପାରିବ ନାହିଁ
ନଈଁ ହୁଲା ଭିତରେ ମୋ ଜୀବନ ହୋଇଚ ଗଢ଼ା ।
ଯେଉଁଠି ଦେଖିବ ଟିକେ ଅଲୁଆ ବା ଅନ୍ଧକାର ।
ପୋଡ଼ି ଜାଳି ଧ୍ୱଂସ ତାରେ କରିଯିବା ଲକ୍ଷ୍ୟ ମମ
ନଚେତ ପୃଥିବୀ ହେବ ବିରାଟ ଶ୍ମଶାନ ସମ

ଗୃଧ୍ର, ଶ୍ୱାନ, ଶୃଗାଳର ବାସସ୍ଥଳ, ଲୀଳାସ୍ଥଳ,
ଚତୁର୍ଦ୍ଦିଗ୍ ମଣ୍ଡିତ ଜୀବନ ଉତ୍ସ ଝର ।
ମୃତ୍ୟୁ ବକ୍ଷେ ଚତୁର୍ଦ୍ଦିଗେ ଜୀବନ ଆନନ୍ଦ ମାୟା
ମୃତ୍ୟୁ ବକ୍ଷେ ଚତୁର୍ଦ୍ଦିଗେ ସ୍ନେହ ପ୍ରେମ ସଂସ୍ପୃହା
ମୃତ୍ୟୁ ବକ୍ଷେ ଆଲୋକ ଖେଳି ଚତୁର୍ଦ୍ଦିଗ ଶୁଭ ଭଲ
ନାଚୁଥିବ ତା' ଭିତରେ ଏକଶ୍ୟାମ—ବସୁନ୍ଧରା
ମୋହର ଜୀବନ ଚେଷ୍ଟା ମୋହର ଜୀବନ ଧ୍ୟାନ
ପୃଥ୍ୱୀର ଯେଉଁ ଜଣେ ଲୋକେ ଆଶିଷାରେ ପ୍ରାଣ
ମୋର ଜୀବେ ଅପୂର୍ବ ସୁଧା, ମୋହର ଜୀବନ ଶତ
ତା' ଓଠେ, ଫୁଟାଇପାରେ ଯେବେ ଆନନ୍ଦର ଜ୍ୟୋତି
ମୋ ସମସ୍ତ ସାଧନାର ସେଇ ସ୍ୱର୍ଗ ପରିଣତି
ଲକ୍ଷେ କୋଟି ଜୀବଗଣେ, ତହିଁରେ କି ଦୁଃଖ ଅଛି ?

———

ଜଣେ ପ୍ରବାସୀ

କି ମ୍ଳାନ ଅବସ୍ଥା ହୋଇ ଯାଇଅଛୁ ଭାଇ
ଖାଇବାକୁ ମିଳୁନାହିଁ ମୁଠିଏ ପଖାଳ !
ରହିବାକୁ ଠାବ ନାହିଁ ପିନ୍ଧିବାକୁ କନା
ପାଣି ଗଳେ ଘର ସ୍ଥଳେ ସବୁଠି କଣା !
ପିଲାଟି ଯେ ବାରଦିନେ ତାକୁ ତେର ରୋଗ
ଜୀବନେ ତୋ ହେବ ଅବା କି ଐଶ୍ୱର୍ଯ୍ୟ ଭୋଗ ?
ସ୍ୱଜାତି କଣ୍ଠା ହୋଇ ଦିଶୁଛ କେବଳ
ହେଉଛ ପର ଦଣ୍ଡ ଭୁଞ୍ଜ ନାହିଁ ତେଜ ବଳ ।
ଜାତକ ଦେଖାଇ ଭାବେ ଭଲ ଦଶା ଯତେଁ
ଆସିବ କି ନାହିଁ ଆଉ ତୋ ଜୀବନ ପଥେ
ଜାତକ ଦେଖାଇବାରେ କିଛି ଲାଭ ନାହିଁ
ଦାରିଦ୍ର୍ୟ ଭିତରେ ବୁଡ଼ି ପଡ଼ୁଅଛୁ ଲାଗି ।
କିଏ ଫୁଟନ୍ତ ହସ ତୋ ଅଧର ତଳେ
କିଏ ଜାଗ୍ରତ ସ୍ୱପ୍ନ ତୋହର ଅନ୍ତରେ
କିଏ ଆନନ୍ଦ ଲୋକରେ ନେଇ ଦେଉନାହିଁ
କିଏ ତ ଚିନ୍ତା କିଏ କରୁନ ତୋ ପାଇଁ
କିଏ ତ ତୋ' କୁଟୀର ମୋହନ ସଜରେ
ହସି ଖେଳ ଏ ଧରଣୀ ପରେ ନାହିଁ ଜାଣେ !

ହସି ଖୁସି ବାଜୁଥିଲି ତୋହ୍ମ ଭୋଳେ ଭଲ
ଦେଖିଛି କେତେନେ ମନ ନ ଧଏ ତୋହ୍ମର ।
ଝଣନାଛି ମନ ଦୁଃଖ ରହୁତ ମାତର
ଘୁଚି ଅଙ୍ଗେ ବେଦନାର ଛାୟା ଝଳ ଝଳ
ପ୍ରାଣ ଛଟ୍‌ଥାନ୍ତା ପୁଣ ତା'ର ସ୍ପର୍ଶ ଦେଲେ
ମରବ କି ବର୍ଷିବ ସେ ଅଜଡାଲି ହେଲେ
ବନ୍ଧୁଜନ ଜଏ ତାହିଁ ଅପୁଆନ୍ତେ ସ୍ୱଳ
ସୁଖ ଦୁଃଖ କେତେ ମାୟା ଦେଉଥାନ୍ତେ ଢାଳ ।
ଖାଇବା ପିଇବା ସବୁ ରହୁଥାନ୍ତା ପରେ
ପୁଣ ଛଟ୍‌ଥାନ୍ତା ପ୍ରାଣ କି ପୁଲକ ଭରେ ।
ବଢିଲି ଠାବକୁ ଭୁତ ହଠି ପାରୁନାହିଁ
ମୁଣ୍ଡ ଭୁମିଯାଏ ବାଟେ ଯେବେ ସ୍ୱଳ ଯାହିଁ

ରହୁଛନ୍ତି ଜନେ କେତେ ରଚ ଭୋଠାବାଞ୍ଚ
ହସି ଖେଳ ସ୍ୱଳଚନ୍ତ୍ର ପଥେ ଧାଉ ଧାଉ
କେତେ ଆଶା ଉନ୍ମାଦନା ଉସ୍ତାହ ଭିତରେ
ପୁଅ'ଇ ଜଅନ୍ତ ଧନ କି ସୋହାଗ ଭରେ
ତା' ଘରେ ଗ୍ରାମୋଫୋନ ବାଜେ ରେଡ଼ିଓ ତା' ଘରେ
କଏ ବସି ଗୀତ ଗାଏ ଦୋ'ତାଲ ଉପରେ
କ ହାଘରେ କେତେ ସୁନ୍ଦ୍ରୀ ଶିଶୁଚନ୍ଦ୍ର ରହୁ
ପୁଲକ ଉଦ୍‌ବେଳେ ରଚ ସରସ ଏ ମନ୍ତ୍ର
ନାଟ ଜ.ଡ ଦେଖି କଏ ଯନ୍ତ୍ର ହସି ହସି
ଅନ୍ତର ବେଦନା ଦୁଃଖ ଯାଉଛ ପଶି,
ସବୁବେଳେ ହସଖୁସ କଥା ଓ ବାରତା
ଜାଣେନ୍ତନ ଜୀବନରେ ଅଛୁ ତାହିଁ ବ୍ୟଥା !
ଏ ସବୁ ବିବେକ ତୋର ହୃଦୟ ଭିତର
କେମନ୍ତେ ଉଠୁଚ କାନ ସତେ ନିରନ୍ତର

ଯା ହୃତାଣେ ଚନ୍ଦ୍ରଦରେ ନୀରବେ ଅନାଇ
ନେତ୍ରୁ ଝେତେ ଅଶ୍ରୁ ବାଣ ଫୁଟୁଥିବ ନାହିଁ ।
ଦେଖୁଥିବୁ ମୋ ଜୀବନ ହେବ ଅକାରଣ
ସୁଖେ ନ ବିତିବ ମୋର ହେଲେ ପ୍ରତିକ୍ଷଣ
ଏଇଭଳି ଯା' ହୃତାଣେ ନେତ୍ରୁ ଲୁହ ଢାଳି
ମୋ ସାରା ଜୀବନ ଭଣ ସତେ ଯିବ ଜଳି ?
ସତେ ଭଣ ଆସିବନି ମୋର ଭବିଷ୍ୟତ
ମୋ ଲାଗି ସରଗେ ଗଢ଼ି ସ୍ୱର୍ଣ୍ଣ ରାଜପଥ
ମୁଁ କମା ଅବସ୍ଥା ହୋଇ ରହେ ଧରାଧାମେ
ଭୋଟିଏ ବଢିବେ କମା ଛନ୍ଦ ଅନ୍ୟମାନେ ?
ମୁହିଁ କମା ଜଳ ପୋଢ଼ି ହୁଏ ଭଳବଳ
ମୋ ପାଇଁ ଜଗତ କମା ନିଦାରୁଣ ତର ?
ଈଶ୍ୱର ଅଛନ୍ତି କଏ ? ଅଛନ୍ତି ସେ କାହିଁ
ଜନ୍ତୁଙ୍କୁ ହସାନ୍ତି କମା ଜନ୍ମୁ କନ୍ଦାଇ ?
ମୋ ପିଲ୍ଲ ପାଏନି ଯେବେ ପେଜକୁ ଟୋପିଏ
କାନ୍ଦ କାନ୍ଦ ଭୁଇଁ ତଳେ ଯେବେ ଗଡ଼ିଯାଏ
ତା' ଦୁଃଖ ଈଶ୍ୱର ଭଣ ବୁଝନ୍ତି କି ଆସି ?
ପୋଛନ୍ତି କି ଲୁହ ପଦେ ମଧୁବାଣୀ ଭାଷି ?
ଏ ଜଗତ କି ସୁନ୍ଦର ସମସ୍ତଙ୍କ ପାଇଁ
ମୋ ଲାଗି ଅମୃତ ଏଥି କଣିକାଏ ନାହିଁ ।
ଘାଣ୍ଟି ହୋଇ ଦିନ ନିଏ ଘୋର ନିଯାତନେ
ତଥାପି କାହିଁକି ଆଶା ଜାଗେ ପ୍ରତିକ୍ଷଣେ
—ସୋହାଗ ସମ୍ପଦ ଦିନ ଆସିବ ମୋହର
ଲୁଚିଯିବ ବାଧା ଯାହା ଦିଏ ମୋତେ ଦଳି
କି ଦୁର୍ମଦ ଆଶା ନାଚେ ବକ୍ଷେ ମଣିଷର
ତାକୁ ଯେଉଁଥି ଶେଷ ନାହିଁ ଜନ୍ମ ଜନ୍ମାନ୍ତର !

ତୋ' ବକ୍ଷେ ସଂସାରେ ମୁଁ କଲେ ଦୃଷ୍ଟିପାତ
ମରମେ ଜାଗଇ ମୋର ଗଭୀର ଆଘାତ
ଜୀବନ୍ତ ଶ୍ମଶାନ ଏ କି ଏ ଧରଣୀ ପରେ ?
ଝିଙ୍କ ରହିଛ ସତେ ଏତେ କଲବଲେ ?
ଛିନ୍ନ ହୋଇ ରହିଛ ସେ ସବୁର ହଡ଼ାଳେ
ସିକ୍ତ ହୋଇ ରୋଦନ ଉଷ୍ଣ ଲୁହ-ଧାରେ !
ଜୀବନ ତ ସବୁଠାରେ ସୁନ୍ଦର ସମାନ
କେଉଁଠି ନମିଳେ ସୁଖ ଶାନ୍ତି ସନମାନ !
ସୁଦୂର ପଲ୍ଲୀରେ ଅଛି, ଅଛି ବା ନଗରେ
ଅଛି ଶ୍ୟାମ ଅରଣ୍ୟାନୀ ଗଭୀର ଗହ୍ୱରେ
ଦୁସ୍ତର ମରୁରେ ଅଛି, ମହାସମୁଦ୍ରର
ଦ୍ୱୀପ ଟାପୁ ମଧ୍ୟେ ରହିଅଛି ଯୁଗାନ୍ତର !
ଦେବା ପାଇଁ ହେବ ତାକୁ
ତା' ଅନ୍ତର ତଳ
ଯେତିକି ନପାଇ ନିତ୍ୟ ହୁଏ କଲବଲ !!

ସତେ କଣ ମଣିହକି ଯିବୁ ଧରିତ୍ରୀରେ
ତୋହିଭଳି ଯେତେ ଯିଏ ନିରନ୍ନ କୁଟୀରେ
କଣଚନ୍ଦ୍ର ବସବାସଙ୍କୁ ଆପିଲ୍ ନେଇ
ରହିବେନି ଧରିତ୍ରୀରେ ଏଇମାନେ କେହି ?
ସମସ୍ତେ ଭଜିବେ ଏଥି ଜୀବନ୍ତ ସମାଧି ?
ଶିରେ ବହି ମସ୍ତିଷ୍କର ଜୁର କାରସାଦି
କୃମିସମ; ଏତେ ଏତେ ନିଃସ୍ୱ ପରିବାର
ସେମାନେ ଅଲୋଡ଼ା ସତେ ଏଇ ମୃତ୍ତିକାର ?
ସୌଧବାସୀ ବୁଦ୍ଧିଜୀବୀ ନୂଆଶ୍ରେଣୀ ଦଳ
କେବଳ ରହିବେ ଏଥି ଏଇମାନଙ୍କର

ହେବ ଏଇ ମାଟି କ'ଣ ଚର ଗ୍ରାସସ୍ଥଳୀ ?
ସମସ୍ତେ ମରିବେ ଏଥି ପୋକ ମାଛି ପରି ?
ତେବେ କିପାଁ ଜନ୍ମ କଷ୍ଟ ଏଇମାନଙ୍କର
ଘାସପରି ଉଠି ଯେବେ ନିମେଷ ମାତର
ରହି ଏଥି ଶୁଖିଯିବେ ଜନ୍ମ ଜନ୍ମ ଧରି,
ଏମାନଙ୍କ ପାଇଁ କଣ ଧରିତ୍ରୀ-ସୁନ୍ଦରୀ
ଫୁଟାଇନି ଫୁଲ ଫଳ ଶସ୍ୟ ମନୋରମ
ଛୁଟାଇନି ନଦନଦୀ ଶୈଳ ଝର୍ ବନ ?
ତୁମେ ଆମେ ସମସ୍ତେ ତ ଜୀବ ଏ ମାଟିର
ଜଣେ କିପାଁ ଥିବ ହୋଇ ନ-ନୀର ନ-ତୀର
ସ୍ଥଳଚ୍ୟୁତ ? ରହିଥିବ ଚିରଦିନ ପଡ଼ି ?
ଏ ମାଟିର ଏକ ଅଭିଶପ୍ତ ଜୀବପରି
ଯାହାରଅଛି କୋଠାବାଡ଼ି ଧନ ଜନ ଭରି
ଯାହାରଅଛି ହସଖେଳ ଆନନ୍ଦ ପସରା
ଯାହାରଅଛି ଶିକ୍ଷା ଦୀକ୍ଷା ଆଶା ଅଭିଲାଷ
ଯାହାରଅଛି ସ୍ନେହ ସୁଖ ମେଦନ ବିଳାସ
ଏ ସବୁ ଭିତରେ ତୁହି ଚିରଦିନ ସଢ଼ି
ଅଭାବ ଓ ଯାତନାରେ ଯିବୁ ଖାଲି ମରି ?
ତୁ କଣ ଜୀବନ ନୁହଁ ମହା ଧରିତ୍ରୀର ?
ଚିରଦିନ ଥିଲୁଥିବୁ ହୋଇ ନତ ଶିର ?
ପିନ୍ଧିବାକୁ କନାଟିକେ ମିଳୁଥିବ ନାହିଁ
ଉପବାସେ ରହିଥିବୁ ଦିନେ ଦିନେ ତୁହି
ସଜଳ ନୟନେ ତୋର ଦରିଦ୍ର କୁଟୀରେ
କି ଦୁର୍ବହ ଲାଗୁଥିବ ଏ ଧରଣୀ ତୀରେ
ତୋହର ଜୀବନ ଟିକ ?

ଏ ମହା ସଂସାର—

ଭିତରେ କେତେ ଯେ ପ୍ରାଣ ହୁଏ ନାରଖାର
ନପାଇ ଟିକଏ ଖାଦ୍ୟ କୂଳ ବା କିନାର
ସ୍ପର୍ଶିଲେ ନୟନୁ ଖସିପଡେ ଲୁହ ଧାର ।
ସୁଖୀ ଦୁଃଖୀ ବଡ଼ ସାନ ଧନୀ ଓ କାଙ୍ଗାଳ
ରଚିତ କାହିଁକି ହୋଇ
ମଣିଷ ସଂସାର ?
ଜଣେ ବସି ପେଜ ଟୋପେ,
ପିଇବାର ବେଳେ
ଅନ୍ୟଜଣେ ଘି ଅମୃତ ଲେହ୍ୟେ
ଖାଏ ହେଳେ ?
ଜଣଙ୍କ ଅନ୍ତର ଯେଉଁ ଗଭୀର କ୍ରନ୍ଦନ,
ଅନ୍ୟକୁ କେମନ୍ତେ ନାହିଁ ଛୁଇଁଚ ବନ୍ଧନ,
ଦେଖିଲେ ତୋ ନେତ୍ରପ୍ରାନ୍ତେ ଏକ ଅଶ୍ରୁଧାର
ବୁଝିଲେ ତୋ ବୁକୁତଳେ ସୀମାହୀନ ଭାର
ଚାହିଁଲେ ତୋ ପ୍ରାଣହୀନ ବିମଳିନ ବେଶ
ଅନୁଭବ କଲେ ତୋର ଦୁଃଖଦୈନ୍ୟ କ୍ଲେଶ
କେମନ୍ତେ ବା ବୁକୁତଳ ଉଠିବ ଉଚ୍ଛସି ?
ଅନାଦର ଦ୍ୱାର କିଏ ପାରିବ ବା ହସି ?

ପ୍ରାଣର ବାଣୀ

ଗୋଟିଏ କୁଟୀର କଣେ ବନ୍ଧା ହୋଇ ପଡ଼ିବାକୁ
ଚହେନ ଅନ୍ତର
କୋଟିଏ କୁଟୀର ମୋର ସୁଖଦୁଃଖ ଆନନ୍ଦର
ଚିର ଗନ୍ତା ଘର !
ସବୁରେ ମୁଁ ଖୋଜବୁଲେ ପ୍ରାଣର ଅନନ୍ତମାୟା
ଚିର ଦନ ଧରି
ସବୁରେ ମୁଁ ଗୋଳ ହୋଇ ରହିବାକୁ ଚାହେଁ ଯେତେ
ଦବସ ଶର୍ବସ୍ତ

ନାଚେ ଛନ୍ଦେ ହସଖେଳ ଆନନ୍ଦର ସୀମାନ୍ତନ
ଶୋଭା ଦେଖିବାରେ—
ପର୍ତ୍ତମ ଐଶ୍ୱର୍ଯ୍ୟ ମୋର ଏ ତନ୍ତୁଁ କ ବଇଭବ
ଅଛୁ କେହିଁ ପାରେ ?
ଏ ବିଶ୍ୱ ମାଟିପରେ ସଭିଏ ମୋ ଆପଣାର
ବନ୍ଧୁ ପ୍ରିୟତମ !
ଛୁଇଁଦେଲେ ସକଳରେ ଅନୁଭବେ ଏମାନେ ମୋ
ଚିତ୍ତର ସ୍ପନ୍ଦନ !

ବାଣପୁରରେ ବହୁ କବି ସାହିତ୍ୟିକଙ୍କ ଜନ୍ମ । ଏହି କବିଙ୍କ ମଧ୍ୟରୁ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଜଣେ । ଜନ୍ମସ୍ଥାନ ବାଣପୁରର ସୋମପୁର ଗାଁରେ ୧୯୧୧ ଜାନୁଆରୀ ୧୪ ତାରିଖ ଠିକ୍ ପୌଷ ପୂର୍ଣ୍ଣିମା ଦିନ— ଆଠ ନଅ ବର୍ଷ ବେଳରୁ ଧାଡ଼ି ଧାଡ଼ି କରି କବିତା ଲେଖି ଲେଖି ଚାଲିଥିଲେ ସହସ୍ର ସହସ୍ର କବିତା—! ସୁନ୍ଦରରୁ ସୁନ୍ଦରତର ହୋଇ ଉଠିଲା ତାଙ୍କ କବିତାଗୁଚ୍ଛ — ନିର୍ଯ୍ୟାତନ ଭିତରେ ତାଙ୍କର ଅଧ୍ୟବସାୟ ଓ ସଂଗ୍ରାମ ଆତ୍ମନି-ଳନ୍ଦ—ମ୍ୟାଟ୍ରିକ ପାଶ ପରେ କଲେଜ ଦ୍ୱାର ନ ମାଡ଼ି ମଧ୍ୟ ସେ ପ୍ରାଇଭେଟ ଭାବରେ ବି.ଏ. ଡିଗ୍ରୀ ହାସଲ କଲେ । ତାଙ୍କର କର୍ମକ୍ଷେତ୍ର ବିଦ୍ୟାଳୟ ଏବଂ କାମ କେବଳ ଶିକ୍ଷକତା—'୧୯୭୨' ଏ ଯାଏଁ ଏପରି ଭାବରେ ଜୀବନ ଅତିବାହିତ କରି ଆସିଛନ୍ତି—ପାଠକ କବିରୂପେ ପରିଚିତ—ତାଙ୍କର କବିତାରେ ମାନବବାଦୀର ସ୍ପନ୍ଦନ ଏବଂ ବୈପ୍ଳବିକ ଚିନ୍ତାଧାରା ସୁସ୍ପଷ୍ଟ । ତାଙ୍କ କବିତାର ଭାବ, ଭାଷା, ଶୈଳୀ, ଯଦି ଆଧୁନିକ କବିତାରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି କହିଲେ, ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ପ୍ରକାଶିତ କବିତା ପୁସ୍ତକ ମଧ୍ୟରୁ ଆହ୍ୱାନ, ଅଗ୍ନିଶିଖା ଏବଂ ଶେଷରେ ଏଇ ମାଟିଦୀପ ଉନକୋଡ଼ି କବିତା ପୁସ୍ତକ ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ସମ୍ପଦ—ରୋମାଣ୍ଟିକ ଓ ରିଅଲିଷ୍ଟିକ ଦୁଇଗୋଟି ଭାବଧାରାର ସଂଯୋଗରେ ତାଙ୍କ କବିତା ସରସ, କରୁଣ ଓ ଓଜସ୍ୱିନୀ—

ପ୍ରଚ୍ଛଦପଟ ମୁଦ୍ରଣ : ମନମୋହନ ପ୍ରେସ, କଟକ-୨